

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



Vol - 22 Issue No:105 7 August 2026 (Friday) Rourkela Rs.2.00 Page -1 ୨୨ ବର୍ଷ ସଂଖ୍ୟା:୧୦୫ ୭ ଅଗଷ୍ଟ ୨୦୨୬ (ଶୁକ୍ରବାର) ରାଉରକେଲା ମୂଲ୍ୟ:ଟ.୨.୦୦ ପୃଷ୍ଠା-୬


## ବନ୍ୟା ପ୍ରପୀଡ଼ିତଙ୍କ ପାଇଁ ସରକାରଙ୍କ ବଡ଼ ଘୋଷଣା :

# ୨୨ ଜିଲ୍ଲାକୁ ୧୧୦ କୋଟି ଟଙ୍କା ସହାୟତା



ଭୁବନେଶ୍ୱର,୬/୮(ନି/ପ୍ର): ରାଜ୍ୟର ବିଭିନ୍ନ ପ୍ରାନ୍ତରେ ହୋଇଥିବା ବନ୍ୟା କ୍ଷୟକ୍ଷତିର ଭରଣା ପାଇଁ ଓଡ଼ିଶା ସରକାର ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି । ବନ୍ୟା ପ୍ରଭାବିତ ୨୨ଟି ଜିଲ୍ଲା ପାଇଁ ମୋଟ ୧୧୦ କୋଟି ଟଙ୍କାର ସହାୟତା ରାଶି ମଞ୍ଜୁର କରାଯାଇଛି । ଏହି ସହାୟତା ରାଶି ସିଧାସଳଖ ହିତାଧିକାରୀଙ୍କ ପାଖକୁ ଡିବିଟି (ଭଇଞ୍ଜ) ମାଧ୍ୟମରେ ପହଚାଂଯିବ । ବିଶେଷ କରି ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାରୁ ଏହି ତିନି ଜିଲ୍ଲାକୁ ସର୍ବାଧିକ ଅର୍ଥ ପ୍ରଦାନ କରାଯାଇଛି । ବାଲେଶ୍ୱର ଜିଲ୍ଲା ପାଇଁ ୨୨.୦୩ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଯାଜପୁରକୁ ୨୦.୨୦ କୋଟି ଏବଂ ଭଦ୍ରକକୁ ୨୦.୧୨ କୋଟି ଟଙ୍କା ପ୍ରଦାନ କରାଯାଇଛି । ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକ ମଧ୍ୟରେ ଜଗତସିଂହପୁରକୁ ୮.୧୮ କୋଟି, କେନ୍ଦୁଝରକୁ ୬.୧୧ କୋଟି, ସମ୍ବଲପୁରକୁ ୫.୫୬ କୋଟି, କେନ୍ଦ୍ରାପଡ଼ାକୁ ୫.୦୪ କୋଟି ଏବଂ ମୟୁରଭଞ୍ଜକୁ ୫.୦୨ କୋଟି ଟଙ୍କା ଦିଆଯାଇଛି । ଏହାବ୍ୟତୀତ ଖୋର୍ଦ୍ଧା, ସୁବର୍ଣ୍ଣପୁର, ବୌଦ୍ଧ, ବଲାଙ୍ଗୀର, ଢେଙ୍କାନାଳ, ବରଗଡ଼, କଳାହାଣ୍ଡି, ନୂଆପଡା, କନ୍ଧମାଳ,କଟକ, କୋରାପୁଟ, ମାଲକାନଗିରି, ରାୟଗଡା ଏବଂ ସୁନ୍ଦରଗଡ଼ ଜିଲ୍ଲାକୁ ମଧ୍ୟ ବନ୍ୟା ସହାୟତା ବାବଦରେ ଅର୍ଥ ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ଯେ, ଏଥର ସ୍ୱାଭାବିକ ଠାରୁ ପ୍ରାୟ ୬୫ ପ୍ରତିଶତ ଅଧିକ ବର୍ଷା ହୋଇଥିବାରୁ ଅନେକ ନଦୀର ଜଳପତନ ଏବେ ବି ବିପଦ ସଙ୍କେତ ଉପରେ ରହିଛି ଏବଂ ବହୁ ଅଂଚଳରୁ ପାଣି ନିଷ୍କାସନ ହୋଇପାରି ନାହିଁ । ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ସ୍ଥିତିର ସମୀକ୍ଷା କରିବା ସହ ରାଜସ୍ୱ ବିଭାଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଛନ୍ତି । ଆସନ୍ତାକାଲି ଅପରାହ୍ଣ ୫ଟା ସୁଦ୍ଧା ସମସ୍ତ ବିଭାଗରୁ କ୍ଷୟକ୍ଷତିର ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାସ୍ତରରୁ ରିପୋର୍ଟ ସଂଗ୍ରହ କରିବା ପାଇଁ ସ୍ୱତନ୍ତ୍ର ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି ।

## ଜଳ ଶକ୍ତି ମନ୍ତ୍ରୀଙ୍କୁ ଭେଟିଲେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୬/୮ : ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ଏ ରେଭନ୍ତ ରେଡ୍ଡୀ ବୁଧବାର ଏଠାରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି.ଆର. ପାଟିଲଙ୍କୁ ଭେଟିଛନ୍ତି । ତୁମ୍ମିଡିହାଟି ବ୍ୟାରେଜର ପ୍ରସ୍ତାବିତ ଉଚ୍ଚତାକୁ ନେଇ ମହାରାଷ୍ଟ୍ର ଏବଂ ତେଲେଙ୍ଗାନା ମଧ୍ୟରେ ଦୀର୍ଘ ଦିନ ଧରି ଚାଲିଥିବା ବିବାଦର ସମାଧାନ ପାଇଁ ସେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡିଥିଲେ । ୧୫୦ ମିଟର ପର୍ଯ୍ୟନ୍ତ ବ୍ୟାରେଜର ଉଚ୍ଚତା ଅନୁମୋଦନ କରିବାକୁ ସେ ମହାରାଷ୍ଟ୍ର ସରକାରଙ୍କୁ ଅନୁରୋଧ କରିଥିଲେ । ସୂତ୍ରରୁ ପ୍ରକାଶ ଯେ ତେଲେଙ୍ଗାନା ଜଳସେଚନ ମନ୍ତ୍ରୀ ଏନ୍ ଉନ୍ନମ କୁମାର ରେଡ୍ଡୀ ଏବଂ ରାଜ୍ୟର ଅନେକ ସାଂସଦ ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ ।


## ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204,
Sec-16,Rourkela,
Mob:9692048008
Email: utkalsamachar@gmail.com


# ଆଶାରାମ ବାପୁଙ୍କୁ ବଡ଼ ଝଟକା : ଅନ୍ତରୀଣ ଜାମିନ ନାମଞ୍ଜୁର



ନୂଆଦିଲ୍ଲୀ,୬/୮ : ଆଶାରାମ ବାପୁଙ୍କ ସମସ୍ୟା ବଢ଼ିବାରେ ଲାଗିଛି । ତାଙ୍କୁ ସୁପ୍ରିମକୋର୍ଟରୁ ଏକ ବଡ଼ ଝଟକା ମିଳିଛି । ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଆଶାରାମ ବାପୁଙ୍କୁ ସୁପ୍ରିମକୋର୍ଟ ଅନ୍ତରୀଣ ଜାମିନ ଦେବାକୁ ମନା କରିଦେଇଛନ୍ତି । ୮୫ ବର୍ଷୀୟ ବୃଦ୍ଧ ଅସୁସ୍ଥତା କାରଣରୁ ଜାମିନ ପାଇଁ ଆବେଦନ କରିଥିଲେ । ଯୋଧପୁରର ଏମ୍ସରୁ ଏକ ଡାକ୍ତରୀ ରିପୋର୍ଟ ଆଧାରରେ, କୋର୍ଟ ଜାମିନକୁ ଅନାବଶ୍ୟକ ବୋଲି ବିବେଚନା କରିଛନ୍ତି । ସୁପ୍ରିମକୋର୍ଟ ଏହି ଆବେଦନକୁ ନିଜ ପାଖରେ ରଖିଛନ୍ତି ଏବଂ କହିଛନ୍ତି ଯେ ଯଦି ତାଙ୍କ ଅବସ୍ଥା ଖରାପ ହୁଏ ତେବେ ସେ ପୁଣି ଥରେ ଜାମିନ ଆବେଦନ କରିପାରିବେ । ଶୁଣାଣି ସମୟରେ, ସୁପ୍ରିମକୋର୍ଟଙ୍କୁ ଏହା ମଧ୍ୟ ଅବଗତ କରାଯାଇଥିଲା ଯେ ଆଶାରାମଙ୍କୁ ବର୍ତ୍ତମାନ ହାଇକୋର୍ଟ ୨୦ ଦିନର ପାରୋଲ ପ୍ରଦାନ କରିଛନ୍ତି । ଯୋଧପୁର ଏମ୍ସ ରିପୋର୍ଟରେ କହିଛି ଯେ ଆଶାରାମଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବାର ଆବଶ୍ୟକତା ନାହିଁ, କିନ୍ତୁ ତାଙ୍କ ସ୍ୱାସ୍ଥ୍ୟ ଉପରେ ୨୪ ଘଣ୍ଟା ନଜର ରଖିବା ଉଚିତ୍ । ଏହି ରିପୋର୍ଟକୁ ଆଧାର କରି ସୁପ୍ରିମକୋର୍ଟ ମଧ୍ୟବର୍ତ୍ତୀକାଳୀନ ଜାମିନକୁ ଖାରଜ କରିଛନ୍ତି । ୨୦୧୩ ମସିହାରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ରାଜସ୍ଥାନ ହାଇକୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ପରେ ଆଶାରାମଙ୍କ ପକ୍ଷରୁ ଚ୍ୟାଲେଞ୍ଜ କରାଯାଇଥିଲା । ଅସୁସ୍ଥତା ଦର୍ଶାଇ ଆଶାରାମ ମଧ୍ୟ ଅନ୍ତରୀଣ ଜାମିନ ଆବେଦନ କରିଥିଲେ । ୨୧ ଜୁଲାଇରେ, ଖଣ୍ଡପୀଠ ଆଶାରାମ ବାପୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉପରେ ଏକ ଡାକ୍ତରୀ ରିପୋର୍ଟ ଦାଖଲ କରିବାକୁ ଏମ୍ସକୁ କହିଥିଲେ ଏବଂ ଚିକିତ୍ସା ଆଧାରରେ ତାଙ୍କ ଜାମିନ ଆବେଦନ ଉପରେ ବିଚାର କରିଥିଲେ । ଚଳିତ ବର୍ଷ ମେ' ମାସରେ, ରାଜସ୍ଥାନ ହାଇକୋର୍ଟ ଆଶାରାମଙ୍କୁ ଗଣଦୁଷ୍କର୍ମ ଏବଂ ପୋକ୍ସୋ ଆଇନର କିଛି ଧାରାରୁ ମୁକ୍ତ କରିଥିଲେ, କିନ୍ତୁ ଦୁଷ୍କର୍ମ ମାମଲାରେ ତାଙ୍କର ଦୋଷ ପ୍ରମାଣ କରିବା ପାଇଁ ଦୃଢ଼ ପ୍ରମାଣ ଦେଇ ତାଙ୍କର ଆଜୀବନ କାରାଦଣ୍ଡାଦେଶକୁ କାଏମ୍ ରଖିଥିଲେ ।

# ଚନ୍ଦ୍ରରେ ମାଡ଼ ହେଲା ୪ ହଜାର କିଲୋର ରକେଟ୍



### ୧୮ ମାସ ହେଲା ମହାକାଶରେ ଘୂରି ବୁଲୁଥିଲା ସ୍ପେସ୍‌ଏକ୍ସର ଫାଲକନ୍-୯

ନୂଆଦିଲ୍ଲୀ,୬/୮ : ଚନ୍ଦ୍ରପୃଷ୍ଠରେ ମାଡ଼ ହୋଇଛି ଏଲନ ମସ୍କଙ୍କ କମ୍ପାନି ସ୍ପେସ୍‌ଏକ୍ସର ଏକ ଅନିୟନ୍ତ୍ରିତ ରକେଟ୍ । ୫ ମହଲାବିଶିଷ୍ଟ ଅଟ୍ଟାଳିକା ଭଳି ଏହି ବିଶାଳକାୟ ରକେଟ୍‌ର ଓଜନ ପ୍ରାୟ ୪ ହଜାର କିଲୋ । ଘଣ୍ଟା ପ୍ରତି ପ୍ରାୟ ୮,୬୯୦ କିମି ବେଗରେ ଏହା ଚନ୍ଦ୍ରପୃଷ୍ଠରେ ମାଡ଼ ହୋଇଛି । ପୃଥିବୀ ପ୍ରତି ଏହାର କୌଣସି ବିପଦ ନାହିଁ ବୋଲି ନାସା ସ୍ପଷ୍ଟ କରିଛି । ମାଡ଼ ହୋଇଥିବା ରକେଟ୍‌ର ଅନିୟନ୍ତ୍ରିତ ଖଣ୍ଡ ସ୍ପେସ୍‌ଏକ୍ସର ଫାଲକନ୍-୯ ରକେଟ୍‌ର ଉପର ଅଂଶ । ଜାନୁଆରୀ ୨୦୨୫ରେ ଆମେରିକା ଓ ଜାପାନର ଦୁଇଟି ଲୁନାର ଲ୍ୟାଣ୍ଡରକୁ ଫ୍ଲୋରିଡ଼ାରୁ ମହାକାଶକୁ ପଠାଇବା ଲାଗି ଏହାକୁ ଉତ୍କ୍ଷେପଣ କରାଯାଇଥିଲା । ମିଶନ ପୂରା ହେବା ପରେ ରକେଟ୍‌ର ଏହି ଅଂଶ ମହାକାଶରେ ଘୂରି ବୁଲିଲା । ଗତ ୧୮ ମାସରେ ପୃଥିବୀ, ଚନ୍ଦ୍ର ଓ ସୂର୍ଯ୍ୟର ମାଧ୍ୟାକର୍ଷଣ ଯୋଗୁ ଏହାର ମାର୍ଗ ଧୀରେ ଧୀରେ ବଦଳିଲା । ନକ୍ଷତ୍ରବିଜ୍ଞାନୀମାନେ ତଥ୍ୟର ଅଧ୍ୟୟନ କରି ପୂର୍ବରୁ ହିଁ ଅନୁମାନ କରିଥିଲେ ଯେ ରକେଟ୍ ଘୂରି ଘୂରି ସିଧା ଚନ୍ଦ୍ର ଅଭିମୁଖେ ଯାଉଛି, ଯାହା ପରେ ଚନ୍ଦ୍ରପୃଷ୍ଠରେ ମାଡ଼ ହେବ । ଚନ୍ଦ୍ରର 'ଆଇନ୍‌ଷ୍ଟିନ୍ କ୍ରାଟର' ନିକଟରେ ଏହା ମାଡ଼ ହେଲା । ଏହି କ୍ଷେତ୍ରରେ ଦିବାଲୋକ ରହେ ଏବଂ ପୃଥିବୀରୁ ଏହା ଦୃଶ୍ୟମାନ ହୁଏ । ତେବେ ବୈଜ୍ଞାନିକ କହନ୍ତି, ସାଧାରଣ ଟେଲିସ୍କୋପ୍‌ରେ ଏହାକୁ ଦେଖିବା ଅସମ୍ଭବ ଥିଲା, କାରଣ ଧକ୍କା ସମୟରେ ସୃଷ୍ଟ ଆଲୋକ ଅତ୍ୟନ୍ତ ହାଲୁକା ଥିଲା । କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ନକ୍ଷତ୍ରବିଜ୍ଞାନୀ ଡ. ମ୍ୟାଟ୍ ବୋଥୱେଲ କହିଛନ୍ତି, ମାଡ଼ ଯୋଗୁ ଚନ୍ଦ୍ର ପୃଷ୍ଠରେ ଧୂଳିର ଏକ ବିଶାଳ ବଳୟ ୧୦୦ କିମି ଯାଏ ଉପରକୁ ଉଠିଥିବ ଏବଂ କିଛି ମିନିଟ୍ ଯାଏ ରହିଥିବ । ଏହି ଘଟଣା ବେଳେ ଚନ୍ଦ୍ରକୁ ପରିକ୍ରମା କରୁଥିବା କୌଣସି ମହାକାଶଯାନ ଠିକ୍ ସ୍ଥିତିରେ ନ ଥିଲା, ସେଥିପାଇଁ ସେ ସମୟର ଦୃଶ୍ୟ ତୁରନ୍ତ ମିଳିପାରିନି । ଆଗାମୀ ଦିନରେ ଦକ୍ଷିଣ କୋରିଆର 'ଦାନୁରୀ' ଅର୍ବିଟର ଓ ନାସାର 'ଲୁନାର ରିକନିସେନ୍ସ ଅର୍ବିଟର' ମାଡ଼ ହୋଇଥିବା ସ୍ଥାନର ଉପରୁ ଅତିକ୍ରମ କରି ଚିତ୍ରୋତ୍ତୋଳନ କରିବେ । ବୈଜ୍ଞାନିକମାନେ ପୁରୁଣା ଓ ନୂଆ ଚିତ୍ରଗୁଡ଼ିକର ତୁଳନା କରି ଚନ୍ଦ୍ର ପୃଷ୍ଠରେ ସୃଷ୍ଟ ଚିହ୍ନକୁ ଆବିଷ୍କାର କରିବେ । ଏହି ମାଡ଼ ପରେ ଚନ୍ଦ୍ରରେ ମଣିଷ ଦ୍ୱାରା ଉତ୍କ୍ଷେପଣ ହୋଇଥିବା ବା ଦୁର୍ଘଟଣାଗ୍ରସ୍ତ ବସ୍ତୁଗୁଡ଼ିକର ସଂଖ୍ୟା ବଢ଼ି ପ୍ରାୟ ୩ ହଜାର ହୋଇଛି । ଏହାର ମୋଟ୍ ଓଜନ ପ୍ରାୟ ୧୯୦ ଟନ୍ ହୋଇଛି ।

## ସପ୍ତାହ ଯାଏ ଉତରରେ ବର୍ଷିବ

ଭୁବନେଶ୍ୱର,୬/୮(ନି/ପ୍ର): ଦକ୍ଷିଣ-ପଶ୍ଚିମ ମୌସୁମି ବାୟୁ ଟ୍ରଫ୍ ଲାଇନ ପ୍ରଭାବରେ ରାଜ୍ୟର ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେଉଛି । ସପ୍ତାହେ ପର୍ଯ୍ୟନ୍ତ ଉତ୍ତର ଓଡ଼ିଶାର କିଛି ଅଂଚଳରେ ପ୍ରବଳ ବର୍ଷା ହୋଇପାରେ । ବାୟୁମଣ୍ଡଳ ଉପରି ଭାଗରେ ଜଳୀୟବାଷ୍ପ ଏବଂ ତାପମାତ୍ରା ଅଧିକ ରହିବା ହେତୁ କେତେକ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ବୁଧବାର ବାରିପଦା, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର ଏବଂ ବଲାଙ୍ଗିର ଆଦି କିଛି ଜିଲାରେ ବର୍ଷା ହୋଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଉପରୋକ୍ତ ଦୁଇଟି ଜିଲାକୁ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସୁନ୍ଦରଗଡ଼, ବାଲେଶ୍ୱର, ଯାଜପୁର, ଭଦ୍ରକ, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଏବଂ ଗଞ୍ଜାମ ଜିଲାର କେତେକ ଅଂଚଳରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଅନ୍ୟାନ୍ୟ ଜିଲାଗୁଡ଼ିକୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି ।

## ଦୁଇ ରାଜ୍ୟ ମଧ୍ୟରେ ସହଯୋଗକୁ ନେଇ ଛତିଶଗଡ ରାଜ୍ୟପାଳଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା



ଭୁବନେଶ୍ୱର,୬/୮(ନି/ପ୍ର): ଭୁବନେଶ୍ୱରସ୍ଥିତ ଲୋକସେବା ଭବନଠାରେ ଛତିଶଗଡ଼ର ରାଜ୍ୟପାଳ ରମେନ ଡେକା ଏବଂ ରାୟପୁର ଉତ୍ତରର ବିଧାୟକ ପୁରନ୍ଦର ମିଶ୍ରଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତ ସମୟରେ ଦୁଇ ରାଜ୍ୟ ମଧ୍ୟରେ ଆନ୍ତଃରାଜ୍ୟ ସହଯୋଗ, ପାରସ୍ପରିକ ବିକାଶ, ଆଂଚଳିକ ସଂଯୋଗୀକରଣ ଏବଂ ଛତିଶଗଡ଼ରେ ରହୁଥିବା ଓଡ଼ିଆ ସମ୍ପ୍ରଦାୟର କଲ୍ୟାଣ ଓ ସାଂସ୍କୃତିକ ଆଦାନପ୍ରଦାନ ସମ୍ପର୍କରେ ସକାରାତ୍ମକ ଆଲୋଚନା ହୋଇଥିଲା ।

## ଉତର ପ୍ରଦେଶରେ ଅଘଟଣ: ଘର ଭୁଶୁଡ଼ି ଗୋଟିଏ ପରିବାରର ୬ ମୃତ

ଉତର ପ୍ରଦେଶ,୬/୮ : ଉତର ପ୍ରଦେଶରେ ପ୍ରବଳ ବର୍ଷା ଯୋଗୁଁ ଦୁଇଟି ପୃଥକ୍ ଦୁର୍ଘଟଣାରେ ଦୁଇଜଣ ଶିଶୁଙ୍କ ସମେତ ମୋଟ ୮ ଜଣଙ୍କର ମୃତ୍ୟୁ ଘଟିଛି । ପ୍ରତାପଗଡ଼ ଜିଲ୍ଲାର ମହୁଲି ବଜାର ଅଂଚଳରେ ଆଜି ଭୋର ସମୟରେ ପ୍ରବଳ ବର୍ଷା ଯୋଗୁଁ ଏକ ପୁରୁଣା କୋଠା ଭୁଶୁଡ଼ି ପଡ଼ିବାରୁ ଗୋଟିଏ ପରିବାରର ୬ ଜଣଙ୍କର ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଦୁଇଜଣ କୋମଳମତି ଶିଶୁ ମଧ୍ୟ ସାମିଲ ଅଛନ୍ତି । ପରିବାରର ୭ ଜଣ ସଦସ୍ୟ ଶୋଇଥିବା ବେଳେ ଆକସ୍ମିକ ଭାବେ ଘରଟି ଭୁଶୁଡ଼ି ପଡ଼ିଥିଲା । ଏହି ଦୁର୍ଘଟଣାରେ ଅମନ (୨୮) ନାମକ ଜଣେ ଯୁବକ ଭଗ୍ନାବଶେଷ ତଳୁ କୌଣସି ପ୍ରକାରେ ବାହାରି ପଡ଼ୋଶୀଙ୍କୁ ଖବର ଦେଇଥିଲେ । ପୋଲିସ ଓ ଅଗ୍ନିଶମ ବାହିନୀ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରି ସମସ୍ତଙ୍କୁ ମେଡିକାଲ ନେଇଥିଲେ ହେଁ ସେଠାରେ ୬ ଜଣଙ୍କୁ ମୃତ ଘୋଷଣା କରାଯାଇଥିଲା । ମୃତଦେହଗୁଡ଼ିକୁ ପୋଷ୍ଟମର୍ଟମ ପାଇଁ ପଠାଯିବା ସହ ଅଧିକ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି ।

## ଜେପିଏସସି ପ୍ରତିବାଦ :

# ୧୩ ଦିନର ଆନ୍ଦୋଳନ ପରେ ଆଲୋଚନା ପାଇଁ ରାଜି ହେମନ୍ତ ସରକାର



ରାଞ୍ଚି,୬/୮ : ଜେପିଏସସି ଏବଂ ଜେଏସଏସସି ପରୀକ୍ଷାରେ ଅନିୟମିତତା ଅଭିଯୋଗରେ ଝାଡ଼ଖଣ୍ଡର ରାଜଧାନୀ ରାଞ୍ଚିର ଜୟପାଲ ସିଂହ ମୁଣ୍ଡା ଷ୍ଟାଡିୟମରେ ଗତ ୧୩ ଦିନ ଧରି ଛାତ୍ରମାନେ ପ୍ରତିବାଦ କରୁଛନ୍ତି । ହେମନ୍ତ ସୋରେନ୍ ସରକାର ଏବେ ଏହି ପ୍ରତିବାଦକାରୀ ଛାତ୍ରମାନଙ୍କ ସହିତ ଆଲୋଚନା କରିବାକୁ ରାଜି ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ସେମାନଙ୍କ ସହିତ ଆଲୋଚନା କରିବା ପାଇଁ ଏକ ଚାରି ସଦସ୍ୟ ବିଶିଷ୍ଟ ମନ୍ତ୍ରିସ୍ତରୀୟ କମିଟି ଗଠନ କରିଛନ୍ତି । ଏହି କମିଟିରେ ହେମନ୍ତଙ୍କ କ୍ୟାବିନେଟର ଚାରି ଜଣ ମନ୍ତ୍ରୀ ରହିବେ । ସୂତ୍ର ଅନୁସାରେ, କମିଟିରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୁଦିବ୍ୟ କୁମାର ସୋନୁ, ଗ୍ରାମୀଣ ବିକାଶ ମନ୍ତ୍ରୀ ଦୀପିକା ପାଣ୍ଡେ ସିଂହ, ସମାଜ କଲ୍ୟାଣ ମନ୍ତ୍ରୀ ଚମାରା ଲିଣ୍ଡା ଏବଂ ଶ୍ରମ ମନ୍ତ୍ରୀ ସଞ୍ଜୟ ପ୍ରସାଦ ଯାଦବଙ୍କୁ ସାମିଲ କରିବାର ସମ୍ଭାବନା ଅଛି । ପୂର୍ବରୁ, ସରକାର ଛାତ୍ରମାନଙ୍କ ସହିତ ଆଲୋଚନା କରିବା ପାଇଁ ସ୍ୱତନ୍ତ୍ର ଜିଲ୍ଲା ମାଜିଷ୍ଟ୍ରେଟ୍ (ଏସଡିଓ) ଏବଂ ଏଡିଏମଙ୍କୁ ପଠାଇଥିଲେ । ପୂର୍ବରୁ ରାଞ୍ଚିର ସବ-ଡିଭିଜନାଲ୍ ମାଜିଷ୍ଟ୍ରେଟ୍ କୁମାର ରଜତ ସରକାରଙ୍କ ପକ୍ଷରୁ ଜୟପାଲ ସିଂହ ମୁଣ୍ଡା ଷ୍ଟାଡିୟମରେ ପହଚିଂ ଥିଲେ । ସେ ଛାତ୍ରମାନଙ୍କୁ କହିଥିଲେ ଯେ ସରକାର ଆଲୋଚନା ପାଇଁ ପ୍ରସ୍ତୁତ । ପାଚଂ କିମ୍ବା ସାତ ଜଣ ଛାତ୍ରଙ୍କ ଏକ ପ୍ରତିନିଧିମଣ୍ଡଳ ପଠାଇବାକୁ ସେ କହିଥିଲେ । ସରକାର ଆଲୋଚନା ମାଧ୍ୟମରେ ପ୍ରତ୍ୟେକ ସମସ୍ୟାର ସମାଧାନ କରିବାକୁ ପ୍ରସ୍ତୁତ । ତେବେ ଛାତ୍ରମାନେ ସ୍ପଷ୍ଟ ଉତ୍ତର ଦେଇଥିଲେ ଯେ ଆଲୋଚନା ହେବ,କିନ୍ତୁ ବନ୍ଦ ଦ୍ୱାର ପଛରେ ନୁହେଁ । ଏହା କ୍ୟାମେରା ସାମ୍ନାରେ ଏବଂ ଗଣମାଧ୍ୟମର ଉପସ୍ଥିତିରେ ହେବ । ଯାହା ଆଲୋଚନା ହେବ ତାହା ସାର୍ବଜନୀନ ଭାବରେ ସମସ୍ତେ ଜାଣିବେ । ସେମାନେ କହିଛନ୍ତି ଯେ ଏହା କେବଳ କିଛି ବ୍ୟକ୍ତିଙ୍କ ପାଇଁ ଏକ ପ୍ରସଙ୍ଗ ନୁହେଁ । ଏହା ସମଗ୍ର ଝାଡ଼ଖଣ୍ଡର ଯୁବପିଢ଼ିଙ୍କ ପାଇଁ ଚିନ୍ତାର ବିଷୟ, ତେଣୁ ସମଗ୍ର ପ୍ରକ୍ରିୟା ସ୍ୱଚ୍ଛ ହେବା ଉଚିତ୍ । ଜେପିଏସସି,ଜେଏସଏସସି,ସିଜିଏଲ ଏବଂ ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଅନିୟମିତତା ଅଭିଯୋଗରେ ପ୍ରତିବାଦ କରୁଥିବା ରାଞ୍ଚିର ଛାତ୍ରମାନଙ୍କୁ ବିର୍ସା ଫିଜିକାଲ୍ ଏକାଡେମୀରେ ଝାଡ଼ଖଣ୍ଡ ପୁଲିସ ନିଯୁକ୍ତି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଯୁବବର୍ଗମାନଙ୍କର ଏକ ଗୋଷ୍ଠୀ ସମର୍ଥନ କରିଛନ୍ତି । ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଛାତ୍ର ପ୍ରତିବାଦ ସମ୍ପର୍କରେ ଆଲୋଚନା କରିବା ଏବଂ ପରିସ୍ଥିତି ସମ୍ପର୍କରେ ସୂଚନା ଦେବା ପାଇଁ ଲୋକଭବନରେ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାରଙ୍କୁ ଭେଟିଥିଲେ । ସେ କହିଛନ୍ତି, ସରକାର ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି ଏବଂ ଅନ୍ୟାୟକୁ ବରଦାସ୍ତ କରାଯିବ ନାହିଁ । ଅଭିଯୋଗଗୁଡ଼ିକର ତଦନ୍ତ କରାଯାଉଛି ଏବଂ ଏଜେନ୍ସିଗୁଡ଼ିକ ନିଷ୍ଠାର ସହିତ କାମ କରୁଛନ୍ତି । ଆଲୋଚନା ମାଧ୍ୟମରେ ପ୍ରତ୍ୟେକ ସମସ୍ୟାର ସମାଧାନ ପାଇଁ ପ୍ରୟାସ କରାଯିବ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସରକାରଙ୍କ ଦ୍ୱାର ସମସ୍ତଙ୍କ ପାଇଁ ଖୋଲା । ଯେକୌଣସି ବ୍ୟକ୍ତି ନିଜର ପରାମର୍ଶ ସରକାରଙ୍କ ନିକଟକୁ ଆଣିପାରିବେ । ତଦନ୍ତକାରୀ ସଂସ୍ଥାଗୁଡ଼ିକ ସେମାନଙ୍କର କାମ କରୁଛନ୍ତି । ତଦନ୍ତ ସମାପ୍ତ ହେବା ପରେ ସତ୍ୟ ସାମ୍ନାକୁ ଆସିବ । ନିଯୁକ୍ତି ପରୀକ୍ଷାରେ ଅନିୟମିତତା ପ୍ରସଙ୍ଗ କେବଳ ଝାଡ଼ଖଣ୍ଡରେ ସୀମିତ ନୁହେଁ ।

# ଟ୍ରମ୍ପଙ୍କ ସୁରକ୍ଷାରେ ପୁଣି ବଡ଼ ତ୍ରୁଟି :

## ରାଷ୍ଟ୍ରପତିଙ୍କ ହେଲିକପ୍ଟରର ନିକଟତର ହେଲା ଯାତ୍ରୀବାହୀ ଜେଟ୍



ୱାସିଂଟନ,୬/୮ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସୁରକ୍ଷା ନେଇ ବାରମ୍ବାର ବିଭିନ୍ନ ଅନିୟମିତତା ଦେଖାଯାଉଛି । ସମ୍ପ୍ରତି ଏକ ବଡ଼ ବିମାନ ସୁରକ୍ଷା ତ୍ରୁଟି ସାମ୍ନାକୁ ଆସିଛି । ଏହାର ତଦନ୍ତ ଆରମ୍ଭ ହୋଇଛି । ଫେଡେରାଲ୍ ଏଭିଏସନ୍ ପ୍ରଶାସନ (ଏଫଏଏ) ଏହି ଘଟଣାର ତଦନ୍ତ ଆରମ୍ଭ କରିଛି । ରାଷ୍ଟ୍ରପତିଙ୍କ ମାରିନ୍ ୱାନ୍ ହେଲିକପ୍ଟର ୱାସିଂଟନ୍, ଡିସି ଉପରେ ଅନ୍ୟ ଏକ ବିମାନର ଅତି ନିକଟରେ ପହଚିଂ ଯାଇଥିଲା, ଯାହା ନିୟମ ଅନୁଯାୟୀ ଠିକ ନୁହେଁ ବୋଲି କୁହାଯାଉଛି । ରାଷ୍ଟ୍ରପତି ଟ୍ରମ୍ପଙ୍କୁ ନେଇ ସାମରିକ ହେଲିକପ୍ଟର ହ୍ୱାଇଟ୍ ହାଉସରୁ ଉଡ଼ାଣ କରିଥିଲା । ସେତେବେଳେ ଉତ୍ତର ଭର୍ଜିନିଆର ରୋନାଲ୍ଡ ରିଗାନ୍ ଜାତୀୟ ବିମାନବନ୍ଦରରେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲର୍ (ଏଟିସି) ଭୁଲବଶତଃ ବାଣିଜ୍ୟିକ ଉଡାଣକୁ ବନ୍ଦ କରିବାରେ ବିଫଳ ହୋଇଥିଲା । ଉଡ଼ାଣ ସମୟରେ ହେଲିକପ୍ଟର ଏବଂ ଫ୍ଲୋରିଡା ଯାଉଥିବା ଏକ ଯାତ୍ରୀବାହୀ ଜେଟ୍ ମଧ୍ୟରେ ଦୂରତା ଧାର୍ଯ୍ୟ ସୀମାଠାରୁ କମିଯାଇଥିଲା । ତେବେ ବିମାନ ଦ୍ୱୟ ଧକ୍କା ହେବା ସ୍ଥିତିରେ ନଥିଲେ । ଫେଡେରାଲ୍ ଏଭିଏସନ୍ ଆଡମିନିଷ୍ଟ୍ରେସନ୍ ଏକ ବିବୃତିରେ କହିଛି ଯେ, ମାରିନ୍ ୱାନ୍ ସହିତ ଜଡିତ ସୁରକ୍ଷା ଘଟଣାର ତଦନ୍ତ କରାଯାଉଛି । କିନ୍ତୁ ଏହା ଏକ ବିପଦପୂର୍ଣ୍ଣ ପରିସ୍ଥିତି କିମ୍ବା ବିମାନଗୁଡ଼ିକ ଧକ୍କା ଦେବାକୁ ଯାଉଥିଲା ବୋଲି ମନେ ହେଉନାହିଁ । ହ୍ୱାଇଟ୍ ହାଉସ୍ ମୁଖପାତ୍ର କୁଶ ଦେଶାଇ ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲକୁ କହିଛନ୍ତି, ମାରିନ୍ ୱାନ୍ ବିମାନଗୁଡ଼ିକ ବିଶ୍ୱର କିଛି ଶ୍ରେଷ୍ଠ ପାଇଲଟ୍ ଦ୍ୱାରା ଉଡ଼ାଣ କରାଯାଇଥାଏ । ରାଷ୍ଟ୍ରପତିଙ୍କ ଉପରେ କୌଣସି ବିପଦରେ ନଥିଲା । ଏହି ଘଟଣା ଆମେରିକାର ବିମାନ ଚଳାଚଳ ସୁରକ୍ଷା ଉପରେ ପ୍ରଶ୍ନ ଉଠାଇଛି । କାର୍ଯ୍ୟକାରୀ ହୋଇଥିବା ନୂତନ ଏଫଏଏ ନିୟମ ଅନୁଯାୟୀ, ବିମାନବନ୍ଦର ଚାରିପାଖରେ ବିମାନଗୁଡ଼ିକୁ ଅତି କମରେ ଦେଢ଼ ମାଇଲ୍ ଭୂସମାନ୍ତର ଏବଂ ୫୦୦ ଫୁଟ ଭୂଲମ୍ବ ଦୂରତା ବଜାୟ ରଖିବାକୁ ପଡିବ । ମାରିନ୍‌ୱାନ୍ ଏବଂ ଅନ୍ୟ ବିମାନ ଆବଶ୍ୟକ ଦୂରତା ବଜାୟ ରଖିବାରେ ବିଫଳ ହୋଇଥିଲେ । ତେବେ ଉଡ଼ାଣ ସମୟରେ ଦୁଇଟି ବିମାନ ପରସ୍ପର ଅତି ପାଖକୁ ଆସି ନଥିଲେ । ମାରିନ୍ ୱାନ୍ ଏବଂ ଜେଟ୍ କୌଣସି ବାଧା ବିନା ସେମାନଙ୍କର ଯାତ୍ରା ଜାରି ରଖିଥିଲେ ।



# କେନ୍ଦୁଝର ସମାଚାର

A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

## ବନ୍ୟା କ୍ଷୟକ୍ଷତି ଆକଳନ ଓ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ ରବି ନାରାୟଣ ନାଏକ



କେନ୍ଦୁଝର,୬/୮(ନି/ପ୍ର): ପଚାଂୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ ଆଜି କେନ୍ଦୁଝର ସର୍କିଟ ହାଉସଠାରେ ବନ୍ୟା ଦ୍ୱାରା ହୋଇଥିବା କ୍ଷୟକ୍ଷତି ଓ ପୁନଃରୁଦ୍ଧାର ପରିଚାଳନା ସମ୍ପର୍କରେ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଏହି ବୈଠକରେ ସାମ୍ପ୍ରତିକ ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ଆକଳନ ଏବଂ ବିଭିନ୍ନ ବିଭାଗ ଦ୍ୱାରା କରାଯାଉଥିବା ପୁନରୁଦ୍ଧାର ଓ ରିଲିଫ୍ କାର୍ଯ୍ୟର ସମୀକ୍ଷା କରାଯାଇଛି। ଏହି ବୈଠକରେ ପାଟଣା ବିଧାୟକ ଶ୍ରୀ ଅଖିଳ ଚନ୍ଦ୍ର ନାଏକ, ଆରକ୍ଷୀ ଅଧୀକ୍ଷକ ଶ୍ରୀ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଶ୍ରୀ ଧନରାଜ ଏଚଡ଼ି, ଅଧକ୍ଷା ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କେନ୍ଦୁଝର ଶ୍ରୀମତୀ ମମିତା ନାଏକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ କୁମାର ନାଗଭୂଷଣ ଏବଂ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ବିଭାଗୱାରୀ ଆକଳନ ଅନୁଯାୟୀ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାଘାଟ, ପୋଲ, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଭିତିଭୂମି, କୃଷି ଜନିତ କ୍ଷୟକ୍ଷତି ଏବଂ ଜଙ୍ଗଲ ଅଂଚଳର ସମୀକ୍ଷା କରାଯାଇଥିଲା। ପ୍ରଭାବିତ ଅଂଚଳରେ ରାସ୍ତା ସଂଯୋଗୀକରଣର ପୁନରୁଦ୍ଧାର, ଜଳ ଯୋଗାଣ ବ୍ୟବସ୍ଥାର ମରାମତି, ଜରୁରୀକାଳୀନ ମୁକାବିଲା ଦଳ ମୁତୟନ, ରିଲିଫ୍ ବଣ୍ଟନ ଏବଂ ଅନ୍ୟାନ୍ୟ ପ୍ରଶମନ ମୂଳକ ପଦକ୍ଷେପର ଅଗ୍ରଗତି ସମ୍ପର୍କରେ ଅଧିକାରୀମାନେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମନ୍ତ୍ରୀ ସମସ୍ତ ବିଭାଗର ପୁନରୁଦ୍ଧାର କାର୍ଯ୍ୟକୁ ପ୍ରଶଂସା କରିବା ସହ, ଜରୁରୀକାଳୀନ ସେବାଗୁଡ଼ିକର ଅବ୍ୟାହତ ଯୋଗାଣ ନିଶ୍ଚିତ କରିବାକୁ, ନିବିଡ଼ ସମନ୍ୱୟ ରକ୍ଷା କରିବାକୁ ଏବଂ ଆଗାମୀ ଯେକୌଣସି ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ତୁରନ୍ତ ପଦକ୍ଷେପ ନେବା, ନିରନ୍ତର ନଜର ରଖିବା ଏବଂ ପ୍ରଭାବିତ ଲୋକଙ୍କୁ ସଠିକ୍ ସମୟରେ ସହାୟତା ଯୋଗାଇଦେବାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ପାଇଁ ମନ୍ତ୍ରୀ ଶ୍ରୀ ନାଏକ ଆହ୍ୱାନ ଦେଇଥିଲେ।

## ଚମ୍ପୁଆରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ଚମ୍ପୁଆ,୬/୮(ନି/ପ୍ର): ସ୍ୱାଧୀନତା ଦିବସ ପାଳନ ଅବସରରେ ଚମ୍ପୁଆ ଉପଖଣ୍ଡ ସ୍ତରୀୟ ପ୍ରସ୍ତୁତି ବୈଠକ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଦିବସ ପାଳନ ପରିପ୍ରେକ୍ଷୀରେ ଅନୁଷ୍ଠିତ ଏହି ବୈଠକରେ ଉପକାରାଗାର ଅଧିକାରୀ ସ୍ମିତାରାଣୀ ଖଟୁଆ, ଚମ୍ପୁଆ ତହସିଲଦାର ସତ୍ୟବ୍ରତ ସାହୁ, ଏନ୍ଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ଏସ୍ଡିଏମ୍ଓ ଡା. ବି.କେ. ଦାସ, ସହକାରୀ ଜିଲ୍ଲାପାଳ ଚନ୍ଦନ ମଣ୍ଡଳ, ସୌମେନ୍ଦ୍ର ଦାସ, ଫୁଲରାଇ ବେସରା, ଏବଂ ସବ୍-ଇନ୍ସପେକ୍ଟର ନିରଂଜନ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ବଣିକ ସଂଘର ସଭାପତି ସୁବାଷ ରାମ, ବରିଷ୍ଠ ନାଗରିକ ସତ୍ୟବାନ କର, ଉନ୍ନୟନ ବିଭାଗର ଅଧକାରୀ ସ୍ମୃତିରଞ୍ଜନ ବେହେରା, ବିଦ୍ୟୁତ ବିଭାଗର ସହକାରୀ ଯନ୍ତ୍ରୀ ଦିବ୍ୟରଞ୍ଜନ ସାହୁ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ସ୍ୱାଧୀନତା ଦିବସରେ ପ୍ରଥମେ ସକାଳୁ ରାମଧୁନ ପରିବେଷଣ, ପ୍ୟାରେଡ୍ ପରିଚାଳନା, ଅତିଥିଙ୍କ ପାଇଁ ସାମିଆନା ବ୍ୟବସ୍ଥା, ପଡ଼ିଆ ସାଜସଜ୍ଜା, ପତାକା ଉତୋଳନ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ପୁରସ୍କାର ପ୍ରଦାନ ଏବଂ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍ ସମେତ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ଆୟୋଜନ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ସମସ୍ତ ବିଭାଗକୁ ପରସ୍ପର ସମନ୍ୱୟ ରକ୍ଷା କରି ଦାୟିତ୍ୱ ସହ କାର୍ଯ୍ୟ ସମ୍ପାଦନ କରିବାକୁ ଉପଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସୂଚନା ଲୋକ ସମ୍ପର୍କ ଅଧିକାରୀ ବିଜୟ କୁମାର ନାୟକ ପରିଚାଳନା କରିଥିଲେ।

## ବନ୍ୟା ବିପର୍ଯ୍ୟୟରେ ଲୋକଙ୍କ ସେବା ହିଁ ପ୍ରାଥମିକତା, ଚାଷୀଙ୍କ ପୁନର୍ବାସ ଓ ସ୍ଥାୟୀ ସମାଧାନ ପାଇଁ ପ୍ରୟାସ ଜାରି ରହିବ- ରଘୁନାଥ ଲେଙ୍କା

ଭଦ୍ରକ, ୬/୮(ନି/ପ୍ର): ଚଳିତ ବନ୍ୟା ଧାମନଗର ବ୍ଲକର ବିଭିନ୍ନ ଅଂଚଳରେ ଜନଜୀବନକୁ ଗଭୀର ଭାବେ ପ୍ରଭାବିତ କରିଛି। ବିଶେଷକରି କଟସାହି ଗ୍ରାମ ପଂଚାୟତ ସମେତ ଅନେକ ପଂଚାୟତରେ ବନ୍ୟା ପାଣି ପ୍ରବେଶ କରିବାରୁ ଚାଷଜମି ଜଳମଗ୍ନ ହୋଇପଡ଼ିଛି। ଯୋଗାଯୋଗ ବ୍ୟବସ୍ଥା ବିଚ୍ଛିନ୍ନ ହୋଇଛି ଏବଂ ହଜାର ହଜାର ଲୋକ ବିପର୍ଯ୍ୟସ୍ତ ଜୀବନ ବିତାଉଛନ୍ତି। ଏଭଳି ପରିସ୍ଥିତିରେ ସରକାରୀ ସହାୟତାକୁ ଲୋକଙ୍କ ପାଖରେ ପହଂଚାଇବା ଏବଂ କ୍ଷତିଗ୍ରସ୍ତ ପରିବାରଙ୍କ ପାଖରେ ଠିଆ ହେବାକୁ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରୁଥିବା କହିଛନ୍ତି କଟସାହି ଗ୍ରାମ ପଂଚାୟତର ପୂର୍ବତନ ସରପଂଚ ରଘୁନାଥ ଲେଙ୍କା। ରଘୁନାଥ ଲେଙ୍କା କହିଛନ୍ତି ଯେ, ଧାମନଗର ବ୍ଲକ ବର୍ଷ ବର୍ଷ ଧରି ବନ୍ୟାପ୍ରବଣ ଅଂଚଳ ଭାବେ ପରିଚିତ। ପ୍ରତିବର୍ଷ ବନ୍ୟା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୁର୍ବଳ କରୁଥିବା ବେଳେ ଚଳିତ ବର୍ଷର ବନ୍ୟା ସ୍ଥିତି ଅଧିକ ଭୟାବହ ରହିଛି। ବିସ୍ତୃତ ଧାନ କ୍ଷେତ ଓ ପନିପରିବା ଚାଷ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଅନେକ ଚାଷୀ ଚଳିତ ବର୍ଷର ସମସ୍ତ ପୁଞ୍ଜି ବନ୍ୟାରେ ହରାଇ ନିରାଶାରେ ଦିନ କାଟୁଛନ୍ତି। ସେ କହିଛନ୍ତି, ବହୁ ଗ୍ରାମ ଦୀର୍ଘ ସମୟ ଧରି ଜଳବନ୍ଦୀ ହୋଇ ରହିଥିବାରୁ ସାଧାରଣ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅନେକ ସ୍ଥାନରେ ରାସ୍ତାଘାଟ ପାଣିରେ ବୁଡ଼ି ଯାଇଥିବାରୁ ଗମନାଗମନ ବନ୍ଦ ହୋଇଛି। ଲୋକମାନେ ଦୈନନ୍ଦିନ ଆବଶ୍ୟକ ସାମଗ୍ରୀ ସଂଗ୍ରହ କରିବାରେ ମଧ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବଜାର, ସ୍ୱାସ୍ଥ୍ୟସେବା ଏବଂ ଅନ୍ୟାନ୍ୟ ଜରୁରୀ ସୁବିଧା ଠାରୁ ବିଚ୍ଛିନ୍ନ ହୋଇପଡ଼ିଥିବା ଅନେକ ଗ୍ରାମରେ ପ୍ରଶାସନ ଓ ସ୍ଥାନୀୟ ପ୍ରତିନିଧିମାନେ ପହଂଚି ରିଲିଫ୍ କାର୍ଯ୍ୟ କରୁଛନ୍ତି। ତାଙ୍କ କହିବାନୁସାରେ, ସରକାର ଓ ସ୍ଥାନୀୟ ବିଧାୟକଙ୍କ ନିର୍ଦ୍ଦେଶରେ ବନ୍ୟାପୀଡ଼ିତ ଅଂଚଳରେ ସୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ, ପିଇବା ପାଣି, ପଲିଥିନ୍ ଏବଂ ଆବଶ୍ୟକୀୟ ସହାୟତା ସାମଗ୍ରୀ ବଂଟନ କରାଯାଉଛି। ଏହା ସହିତ ଗୃହପାଳିତ ପଶୁଙ୍କ ପାଇଁ ମଧ୍ୟ ଖାଦ୍ୟ ବ୍ୟବସ୍ଥା କରାଯାଉଛି। କୌଣସି ପରିବାର ସହାୟତାରୁ ବଂଚିତ ନ ହୁଅନ୍ତୁ, ସେଥିପାଇଁ ସ୍ଥାନୀୟ କାର୍ଯ୍ୟକର୍ତ୍ତା ଓ ପ୍ରଶାସନ ନିରନ୍ତର ଭାବେ କାର୍ଯ୍ୟ କରୁଛନ୍ତି। ରଘୁନାଥ ଲେଙ୍କା କହିଛନ୍ତି ଯେ, କେବଳ ତୁରନ୍ତ ରିଲିଫ୍ ନୁହେଁ, ବରଂ ଦୀର୍ଘମିଆଦି ପୁନର୍ବାସ ଓ ବିକାଶ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ବନ୍ୟାରେ କ୍ଷତିଗ୍ରସ୍ତ ରାସ୍ତାଘାଟର ଉନ୍ନତି, ନିମ୍ନାଂଚଳରେ ସ୍ଥାୟୀ ଡ୍ରେନେଜ୍ ବ୍ୟବସ୍ଥା ଏବଂ ଭବିଷ୍ୟତରେ ବନ୍ୟା କ୍ଷତି କମାଇବା ପାଇଁ ବିଭିନ୍ନ ପ୍ରସ୍ତାବ ସ୍ଥାନୀୟ ବିଧାୟକଙ୍କ ନିକଟରେ ଉପସ୍ଥାପନ କରାଯାଇଛି। ଆଗାମୀ ଦିନରେ ଏହି ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ଚଳିତ ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀମାନଙ୍କ ପାଇଁ ସରକାରଙ୍କ କ୍ଷତିପୂରଣ, କୃଷି ସହାୟତା ଏବଂ ବିକଳ୍ପ ଫସଲ ଚାଷ ସମ୍ପର୍କିତ ଯୋଜନା ସଠିକ୍ ଭାବେ ପହଂଚାଇବା ଆବଶ୍ୟକ। ଯେଉଁ ଚାଷୀମାନେ ଏହି ବର୍ଷ ପୁନର୍ବାର ଚାଷ କରିବାର ସୁଯୋଗ ପାଇବେ ନାହିଁ, ସେମାନଙ୍କୁ ବିକଳ୍ପ ଜୀବିକା ଓ ଅଧିକ ଅମଳକ୍ଷମ ଫସଲ ଚାଷ ପାଇଁ ପ୍ରୋତ୍ସାହନ ଦେବା ଉପରେ ମଧ୍ୟ ଗୁରୁତ୍ୱ ଦେବା ଦରକାର। ଶେଷରେ ରଘୁନାଥ ଲେଙ୍କା କହିଛନ୍ତି ଯେ, ବନ୍ୟା ସମୟରେ ସ୍ଥାନୀୟ ବିଧାୟକ ନିରନ୍ତର ଭାବେ ବନ୍ୟାପୀଡ଼ିତ ଅଂଚଳ ଗସ୍ତ କରି ଲୋକଙ୍କ ଦୁଃଖସୁଖରେ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟ ପାଇଁ ଜିଲ୍ଲା ଏବଂ ରାଜ୍ୟସ୍ତରରେ ତାଙ୍କ ଉଦ୍ୟମ ପ୍ରଶଂସିତ ହେଉଥିବା ସେ କହିଛନ୍ତି। ଆଗାମୀ ଦିନରେ ମଧ୍ୟ ବନ୍ୟାପୀଡ଼ିତଙ୍କ ସେବା, ପୁନର୍ବାସ ଓ ଅଂଚଳର ସର୍ବାଙ୍ଗୀଣ ବିକାଶ ପାଇଁ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ସେ ମତ ପ୍ରକାଶ କରିଛନ୍ତି।

## ବୈପାରୀଗୁଡାରେ ବିଲୁଆ ଆତଙ୍କ, ୬ ଗୁରୁତର



ବୈପାରୀଗୁଡା,୬/୮(ନି/ପ୍ର): କୋରାପୁଟଜିଲ୍ଲା ବୈପାରୀଗୁଡା ଅଂଚଳରେ ବିଲୁଆ ଆତଙ୍କ ଦେଖିବାକୁ ମିଳିଛି। ବିଲୁଆ ଆକ୍ରମଣରେ ୬ ଗୁରୁତର ହୋଇଥିବା ଜଣାପଡିଛି କ୍ଷ ସମସ୍ତ ଗୁରୁତରଙ୍କୁ ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଛି। ଆଜି ସକାଳେ ଗାଁ ଗାଁରେ ବିଲୁଆ ପଶି ଅନେକ ଲୋକଙ୍କୁ ଆକ୍ରମଣ କରିଛି। ବୈପାରୀଗୁଡା ବ୍ଲକର ଖରାଗୁଡା, କଦମଗୁଡା ଓ ବଡାଗୁଡାରେ ପ୍ରାୟ ୬ ଜଣକୁ ଆକ୍ରମଣ କରିଛି। କିଏ ତ ଜମିରେ ହଳ କଲାବେଳେ ବିଲୁଆ ଆକ୍ରମଣର ଶିକାର ହୋଇଛି ଆଉ କିଏ ତ ପୋଖରୀରେ ଗାଧୁଆ ପାଇଁ ଗଲାବେଳେ ବିଲୁଆ ହାବୁଡ଼ରେ ପଡିଛି। ଏଭଳି ବିଭିନ୍ନ ଗାଁର ୬ ଜଣ ଗୁରୁତର ହୋଇଥିବାବେଳେ ସେମାନେ ବୈପାରୀଗୁଡା ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ଲଗାତାର ବର୍ଷାର ପ୍ରକୋପ ବଢ଼ିବା ଫଳରେ ବିଲୁଆଙ୍କ ଗାଁଭିତରକୁ ପ୍ରବେଶ ହେବା ଯୋଗୁଁ ଏଭଳି ଘଟୁଛି। ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ଅନଲାଇନ୍ କମ୍ପ୍ୟୁଟର ଶିକ୍ଷା ମାଧ୍ୟମରେ ମାଲକାନଗିରିର ଜନଜାତି ଛାତ୍ରଛାତ୍ରୀ ହେବେ ସଶକ୍ତ, ଜିଲ୍ଲା ପ୍ରଶାସନର ଅଭିନବ ପ୍ରୟାସ

ମାଲକାନଗିରି,୬/୮(ନି/ପ୍ର): ଜିଲ୍ଲାର ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କର ବୈଷୟିକ ବିକାଶ ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ଓ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ସମସ୍ତ ଏସଏସଡି ହାଇସ୍କୁଲ ସମେତ କେଏମଆରଏସ, ବାଲିମେଲା ଠାରେ ଆନୁଷ୍ଠାନିକ ଭାବେ ଅନଲାଇନ୍ କମ୍ପ୍ୟୁଟର କୋଚିଂ କ୍ଲାସ ଆରମ୍ଭ କରାଯାଇଛି। ଆଜି ପ୍ରଥମ ଦିନରେ ସରକାରୀ ଏସଏସଡି ଜିଏଚଏସ ଚିତ୍ରକୋଣ୍ଡା, ପି.ଏମ.ଶ୍ରୀ ସରକାରୀ ଏସଏସଡି ହାଇସ୍କୁଲ ପଣସପୁଟ ଏବଂ ଜିଜିଏଚଏସ ନନ୍ଦିନୀଗୁଡ଼ାର ଶତାଧିକ ଛାତ୍ରଛାତ୍ରୀ ଏହି ଅନଲାଇନ୍‌କମ୍ପ୍ୟୁଟର କ୍ଲାସରେ ଉତ୍ସାହର ସହ ଯୋଗ ଦେଇଛନ୍ତି। ମହାରାଷ୍ଟ୍ରର ଆଇଟି ଇଞ୍ଜିନିୟର ଭାଗ୍ୟଶ୍ରୀ ଯାଦବ ମୁଖ୍ୟ ପ୍ରଶିକ୍ଷିକା ଭାବେ ଯୋଡ଼ି ହୋଇ ପିଲାମାନଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରୁଛନ୍ତି। ଏହି ସ୍ୱତନ୍ତ୍ର କମ୍ପ୍ୟୁଟର କୋଚିଂ କ୍ଲାସ ପ୍ରତି ମଙ୍ଗଳବାର ଏବଂ ଶୁକ୍ରବାର ଅପରାହ୍ନ ୩ଟାରୁ ୪ଟା ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ଦୁର୍ଗମ ଅଂଚଳରେ ରହୁଥିବା ଜନଜାତି ଛାତ୍ରଛାତ୍ରୀମାନଙ୍କୁ ଡିଜିଟାଲ୍ ଦୁନିଆ ସହ ଯୋଡ଼ିବା ଏବଂ ସେମାନଙ୍କର ସର୍ବାଙ୍ଗୀନ ବିକାଶ କରିବା। ଏହି ଅନଲାଇନ୍ କ୍ଲାସର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ ଏବଂ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହଳଧର ଶବର ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସେମାନଙ୍କ ଉପସ୍ଥିତି ପ୍ରମାଣ କରୁଛି ଯେ ଜିଲ୍ଲା ପ୍ରଶାସନ ଏହି ଅଂଚଳର ପିଲାମାନଙ୍କ ଭବିଷ୍ୟତ ଗଠନ ପାଇଁ କେତେ ଆଗ୍ରହୀ। ଏହି ଅଭିନବ ଯୋଜନା ସମ୍ପର୍କରେ ମାଲକାନଗିରି ଜିଲ୍ଲାପାଳ କହିଛନ୍ତି, ପ୍ରଯୁକ୍ତିବିଦ୍ୟା ହେଉଛି ସମସ୍ତଙ୍କୁ ସମାନ ସୁଯୋଗ ଦେବାର ସବୁଠାରୁ ବଡ଼ ମାଧ୍ୟମ। ମାଲକାନଗିରିର ଦୁର୍ଗମ ଅଂଚଳରେ ରହୁଥିବା ଆମର ଜନଜାତି ଛାତ୍ରଛାତ୍ରୀମାନେ ଯେପରି ସହରର ପିଲାମାନଙ୍କ ଭଳି ସମାନ ଡିଜିଟାଲ୍ ସୁଯୋଗ ପାଇପାରିବେ, ସେଥିପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରତିବଦ୍ଧ।

## ପୋଖରୀରେ ବୁଡ଼ି ବିବାହିତ ଯୁବକଙ୍କ ମୃତ୍ୟୁ



ଘଟଗାଁ,୬/୮(ନି/ପ୍ର): କେନ୍ଦୁଝରଜିଲ୍ଲା ଘଟଗାଁ ଥାନା ଢେଙ୍କିକୋଟ ଫାଣ୍ଡି ଖଟଂଘର ପଚାଂୟତ ମହୁଲଗାଡିଆ ତଳସାହିରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ଗତ ରବିବାର ସନ୍ଧ୍ୟାରେ ସନ୍ତୋଷ ମହାପାତ୍ର (୪୨) ନାମକ ଜଣେ ବିବାହିତ ଯୁବକ ନିକଟବର୍ତୀ ଘରପାଖ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତେବେ ଗଭୀର ପାଣିରେ ବୁଡ଼ି ପଙ୍କ ଭିତରୁ ବାହାରିପାରି ନଥିଲେ। ଦୁଇ ଦିନ ଧରି ଘର ଲୋକମାନେ ଖୋଜାଖୋଜି କରିବା ପରେ ବି ଜାଣିପାରି ନଥିଲେ। ଆଜି ସକାଳେ ମୃତଦେହ ଦେଖି ଗ୍ରାମର ଲୋକମାନେ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଖବର ପାଇ ଘଟଗାଁ ଅଗ୍ନିଶମ ବାହିନୀର ଲୋକମାନେ ଆସି ଶବକୁ ପାଣିରୁ ବାହାରକରି ଢେଙ୍କିକୋଟ ଫାଣ୍ଡି ପୁଲିସକୁ ହସ୍ତାନ୍ତର କରିଥିଲେ। ଶବର ପୋଷ୍ଟମର୍ଟମ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ମୃତକଙ୍କ ନିଜଘର ଚାନ୍ଦପଶି ଗ୍ରାମରେ ହୋଇଥିବା ବେଳେ ସେ ଆଜକୁ ୫ ବର୍ଷ ହେବ ଶ୍ୱଶୁର ଘରେ ରହି ଆସୁଥିଲେ। ତାଙ୍କର ବିଧବା ପତ୍ନୀ ସବିତା ଓ ଦୁଇଟି କନ୍ୟା ସନ୍ତାନ ଅଛନ୍ତି। ତେଣୁ ତାଙ୍କ ବିଧବା ପତ୍ନୀଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ବର୍ଷା ଋତୁରେ କୁମ୍ଭୀର ଗତିବିଧି ନେଇ ସତର୍କତା: ଘରକୁ ଘର ବୁଲି ସଚେତନତା ଅଭିଯାନ ଆରମ୍ଭ

କେନ୍ଦ୍ରାପଡ଼ା/ଭୁବନେଶ୍ୱର,୬/୮(ନି/ପ୍ର): ବର୍ଷା ଋତୁରେ ବ୍ରାହ୍ମଣୀ, ମହାନଦୀ ଏବଂ ବୈତରଣୀ ନଦୀ ପ୍ରଣାଳୀରେ ଜଳସ୍ତର ବୃଦ୍ଧିକୁ ଦୃଷ୍ଟିରେ ରଖି, ଲୁଣାଜଙ୍ଗଲ ବନଖଣ୍ଡ (ବନ୍ୟପ୍ରାଣୀ), ରାଜନଗର ବନ ବିଭାଗ ପକ୍ଷରୁ ଏକ ଜରୁରୀକାଳୀନ ହ୍ୱାଟ୍ସଆପ୍ ହେଲ୍ପଲାଇନ୍ ନମ୍ବର ୯୯୩୮୯୧୪୧୦୧ ସକ୍ରିୟ କରାଯାଇଛି। ମଣିଷ-କୁମ୍ଭୀର ସଂଘର୍ଷର ବିପଦକୁ ହ୍ରାସ କରିବା ଏବଂ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବିପଦସଙ୍କୁଳ ଗ୍ରାମଗୁଡ଼ିକରେ 'ଘରକୁ ଘର ବୁଲି' ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ବନ୍ୟାଜଳ ବୃଦ୍ଧି ହେତୁ ନଦୀକୂଳିଆ ଅଂଚଳରୁ କୁମ୍ଭୀରମାନେ ଜନବସତି କିମ୍ବା ଲୋକମାନେ ବ୍ୟବହାର କରୁଥିବା ନଦୀଘାଟ ନିକଟକୁ ଚାଲି ଆସିବାର ଯଥେଷ୍ଟ ସମ୍ଭାବନା ରହିଛି। ଜନସାଧାରଣଙ୍କ ସୁରକ୍ଷା ପାଇଁ ବନ ବିଭାଗର କ୍ଷେତ୍ର କର୍ମଚାରୀମାନେ ବନ୍ୟାପ୍ରବଣ ଗ୍ରାମଗୁଡ଼ିକ ପରିଦର୍ଶନ କରି କୁମ୍ଭୀର ସହିତ ସମ୍ଭାବ୍ୟ ମୁକାବିଲା ଏବଂ ଏଥିରୁ ରକ୍ଷା ପାଇବା ପାଇଁ ସତର୍କତାମୂଳକ ପଦକ୍ଷେପ ବିଷୟରେ ଲୋକଙ୍କୁ ସଚେତନ କରାଯାଉଅଛି। ସଚେତନତା ଅଭିଯାନ ସମୟରେ ବାସିନ୍ଦାମାନଙ୍କୁ ପରାମର୍ଶ ଦିଆଯାଉଛି ଯେ, ବର୍ଷା ଋତୁରେ ଅତି ଆବଶ୍ୟକ ନଥିଲେ ନଦୀ, କେନାଲ କିମ୍ବା ନାଳ ମଧ୍ୟକୁ ପ୍ରବେଶ କରନ୍ତୁ ନାହିଁ। ପାଣି ସଂଗ୍ରହ, ମାଛ ଧରିବା କିମ୍ବା ଗାଧୋଇବା ସମୟରେ ବିଶେଷ ସତର୍କ ରହିବାକୁ କୁହାଯାଇଛି। ଏହା ସହିତ ପିଲାମାନଙ୍କୁ ବୟସ୍କଙ୍କ ତତ୍ତ୍ୱାବଧାନ ବିନା ଜଳାଶୟ ନିକଟକୁ ନଛାଡ଼ିବା ଏବଂ କୁମ୍ଭୀର ପ୍ରବଣ ଅଂଚଳରେ ଗୃହପାଳିତ ପଶୁଙ୍କୁ ଚରାଇବା ବା ପାଣି ପିଆଇବା ସମୟରେ ସତର୍କ ରହିବାକୁ ଅନୁରୋଧ କରାଯାଇଛି। ଯଦି କୌଣସି ଆବାସିକ ଅଂଚଳ କିମ୍ବା ନିକଟବର୍ତୀ ଜଳାଶୟରେ କୁମ୍ଭୀର ଦେଖାଯାଏ, ତେବେ ବନ ବିଭାଗ ତରଫରୁ ତ୍ୱରିତ ପଦକ୍ଷେପ ନିମନ୍ତେ ବନ ବିଭାଗର ହ୍ୱାଟ୍ସଆପ୍ ହେଲ୍ପଲାଇନ୍(୯୯୩୮୯୧୪୧୦୧) ମାଧ୍ୟମରେ ସୂଚନା ଦେବାକୁ କୁହାଯାଇଛି। ବନ କର୍ମଚାରୀ ଓ ସ୍ଥାନୀୟ ଗ୍ରାମବାସୀଙ୍କ ସକ୍ରିୟ ଅଂଶଗ୍ରହଣରେ ଏହି ଅଭିଯାନ ଚାଲୁ ରହିଛି, ଯାହା ମଣିଷ ଓ କୁମ୍ଭୀରଙ୍କ ମଧ୍ୟରେ ସୁରକ୍ଷିତ ସହାବସ୍ଥାନକୁ ପ୍ରୋତ୍ସାହିତ କରିବ। ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତନ ବିଭାଗ ସମସ୍ତ ବାସିନ୍ଦାଙ୍କୁ, ବିଶେଷକରି ନଦୀକୂଳିଆ ଅଂଚଳରେ ରହୁଥିବା ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ମାନବ ଜୀବନ ଏବଂ ବନ୍ୟପ୍ରାଣୀ ଉଭୟଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବନ ବିଭାଗ ଦ୍ୱାରା ଜାରି ସୁରକ୍ଷା ନିର୍ଦ୍ଦେଶାବଳୀ ପାଳନ କରିବାକୁ ଏବଂ ବନ କର୍ମଚାରୀଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।



ହରିଚନ୍ଦନପୁର ବ୍ଲକ ଦୈତାରିସ୍ଥିତ ଓଡ଼ିଶା ଖଣି ନିଗମ ପକ୍ଷରୁ ବର୍ଷାଜଳ ସଂରକ୍ଷଣ ନେଇ ଆରଧନା କେନ୍ଦ୍ରରେ ସଚେତନତା କାର୍ଯ୍ୟକ୍ରମ

## କୋଇଲା ପରିବହନ ଯୋଗୁଁ ସୃଷ୍ଟି ହେଉଥିବା ଜନ ସମସ୍ୟାର ସମାଧାନ ଦାବିରେ ଅନୁଗୋଳ ଆସନ୍ତା ୧୨ରେ ଅନୁଗୋଳ ବନ୍ଦ ଡାକରା



ଅନୁଗୋଳ,୬/୮(ନି/ପ୍ର): ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ କୋଇଲା ପରିବହନକୁ ନେଇ କୋଶଳା ପଚାଂୟତର ୫ ଜଣ ବ୍ୟକ୍ତି ଦୀର୍ଘ ୧୧୫ ଦିନ ଧରି ମିଛ ମାମଲାରେ ଜେଲରେ ଅଛନ୍ତି। ସେମାନଙ୍କ ମାମଲା ଆଇନଗତ ପ୍ରକ୍ରିୟାରେ ବିଚାରାଧୀନ ରହିଛି। ଶାନ୍ତି ପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା କିଛି ଯୁବକଙ୍କୁ ଜିଲ୍ଲା ପ୍ରଶାସନ କମ୍ପାନୀ କଥାରେ ସେମାନଙ୍କ ନାମରେ ମିଛ କେସ ଦେଇ ସେମାନଙ୍କୁ ଦୀର୍ଘ ୧୧୫ଦିନ ହେଲା ଜେଲ ହାଜତରେ ରଖାଯାଇଛି। ସେମାନଙ୍କ ମାମଲାକୁ ସରକାର ତୁରନ୍ତ ପ୍ରତ୍ୟାହାର କରି ନିଅନ୍ତୁ ଓ ପ୍ରତିଦିନ ସନ୍ଧ୍ୟା ୯ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ପ୍ରାୟ ୨୦୦୦ରୁ ଉର୍ଦ୍ଧ କୋଇଲା ବୋଝେଇ ଟ୍ରକ ଛେଣ୍ଡିପଦା, କୋଶଳା, ଜରାଶିଙ୍ଗା, ଅନୁଗୋଳ ମ୍ୟୁନିସିପାଲିଟି, ତୁରଙ୍ଗ, ବଅଁରପାଳ ଅଚଂଳ ଦେଇ ନାଲକୋ ତଥା ଅନ୍ୟାନ୍ୟ କମ୍ପାନୀକୁ ଯାତାୟାତ କରୁଛି। ଏହା ଫଳରେ ଅଚଂଳବାସୀ ଧୂଳି ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ, ସଡ଼କ ଦୁର୍ଘଟଣା, ଯାତାୟାତ ସମସ୍ୟା ଏବଂ ସ୍ୱାସ୍ଥ୍ୟଗତ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଆଜି ଜିଲ୍ଲା କଂଗ୍ରେସ କମିଟିର ଏକ ପ୍ରତିନିଧି ଦଳ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ଉଦୟନାଥ ମହାପାତ୍ରଙ୍କୁ ପ୍ରଦାନ କରିବା କୋଇଲା ପରିବହନ ଯୋଗୁଁ ସୃଷ୍ଟି ହେଉଥିବା ଜନସମସ୍ୟାର ତୁରନ୍ତ ସମୀକ୍ଷା କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଉ ଏବଂ ସମ୍ପୃକ୍ତ ବିଭାଗ ମାନଙ୍କ ସହ ଆଲୋଚନା କରି ଧୂଳି ନିୟନ୍ତ୍ରଣ, ସଡ଼କ ସୁରକ୍ଷା ଓ ସାଧାରଣ ଲୋକଙ୍କ ସୁବିଧା ପାଇଁ ଆବଶ୍ୟକ ବ୍ୟବସ୍ଥା ତୁରନ୍ତ ଲାଗୁ କରାଯାଉ। ଆଇନ ଅନୁଯାୟୀ ମାମଲାର ଶୀଘ୍ର ଓ ନ୍ୟାୟସଙ୍ଗତ ସମାଧାନ ଦିଗରେ ଆବଶ୍ୟକ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରାଯାଉ। ଯଦି ଉପରୋକ୍ତ ସମସ୍ୟାର ଯଥାଶୀଘ୍ର ସମାଧାନ ନ ହୁଏ, ତେବେ ଆସନ୍ତା ୧୨.୦୮.୨୦୨୬ ତାରିଖରେ ୧୨ ଘଣ୍ଟିଆ ( ସକାଳ ୬ ଘଟିକାରୁ ସନ୍ଧ୍ୟା ୬ଘଟିକା ) ଅନୁଗୋଳ ଜିଲ୍ଲା ବନ୍ଦ ଡାକରା ଦେବା ପାଇଁ ଜିଲ୍ଲା କଂଗ୍ରେସ ବାଧ୍ୟ ହେବ ବୋଲି ଚେତାବନୀ ଦେଇଛି। ବନ୍ଦ ପାଇଁ ସୃଷ୍ଟି ହେବାକୁଥିବା ଯେକୌଣସି ପରିସ୍ଥିତି ଲାଗି ସଂପୂର୍ଣ୍ଣ ଭାବେ ଜିଲ୍ଲା ପ୍ରଶାସନ ଏବଂ ସରକାର ଦାୟୀ ରହିବେ ବୋଲି ମଧ୍ୟ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଆଜିର ଏହି ପ୍ରତିନିଧି ଦଳରେ ପ୍ରଦେଶ କଂଗ୍ରେସ କମିଟିର ଉପସଭାନେତ୍ରୀ ସସ୍ମିତା ବେହେରା, ପ୍ରଦେଶ କୃଷକ କଂଗ୍ରେସର ଉପାଧକ୍ଷ ଉମେଶ ଚନ୍ଦ୍ର ସାହୁ, ରାଜ୍ୟ ଆଦିବାସୀ କଂଗ୍ରେସ ସାଧାରଣ ସମ୍ପାଦକ ତପନ ପ୍ରଧାନ, ଜିଲ୍ଲା କଂଗ୍ରେସ ମୁଖପାତ୍ର ଗୋପାଳ ଚନ୍ଦ୍ର ନାଥ, ଉପସଭାପତି ବିରଂଚି ନାରାୟଣ ଧର, ବଅଁରପାଳ ବ୍ଲକ କଂଗ୍ରେସ ସଭାପତି ବିନୋଦ ମାଝୀ, ଗୋବିନ୍ଦ ନାଏକ,ଅନୁଗୋଳ ବ୍ଲକ କଂଗ୍ରେସ ସଭାପତି ରାକେଶ ମିଶ୍ର, ସାଧାରଣ ସମ୍ପାଦକ ସୁବାସ ସାହୁ, ଅରୁପ ସାମଲ, ସଂଗ୍ରାମ ବେହେରା, ଅରୁଣ ଦାସ, ବାସୁଦେବ ମହାପାତ୍ର, ଅଳକା ରାଣୀ ମହାପାତ୍ର, ଅବିନାଶ ଦଳବେହେରା ପ୍ରମୁଖ ବହୁ କଂଗ୍ରେସ ନେତା ଉପସ୍ଥିତ ଥିଲେ।

ଉତ୍କଳ ସମାଚାର

# ସମ୍ପାଦକୀୟ...

## ଶୁକ୍ରବାର ୭ ଅଗଷ୍ଟ ୨୦୨୬

# ଦାଦନର ମୃତ୍ୟୁଯାତ୍ରା

ଓଡ଼ିଶାରେ ଦାଦନ ସମସ୍ୟାର କରୁଣ ପରିଣତି ଅନେକ ସମୟରେ ଖବରର ଶିରୋନାମା ପାଲଟିଛି । ସମ୍ପ୍ରତି କେନ୍ଦୁଝର ଜିଲ୍ଲାର ତେଲକୋଇ ଅଂଚଳର ବାରଜଣ ଜୁଆଙ୍ଗ ନାବାଳିକା ଦାଦନ ଶ୍ରମିକ ଭାବେ ବାହାର ରାଜ୍ୟକୁ ଯାଇଥିବା ବେଳେ ମୃତ୍ୟୁବରଣ କରିଥିବା ଘଟଣା ସମଗ୍ର ରାଜ୍ୟକୁ ମର୍ମାହତ କରିଛି । ଏହି ଘଟଣା ଦାଦନ ଶ୍ରମିକଙ୍କ ସୁରକ୍ଷା, ଦଲାଲଙ୍କ ଦୌରାତ୍ମ୍ୟ ଏବଂ ଆଦିବାସୀ ଅଂଚଳର ଦାରିଦ୍ର୍ୟକୁ ପୁଣିଥରେ ସାମ୍ନାକୁ ଆଣିଛି । ଏପରି ଦୁଃଖଦ ଘଟଣା ହୃଦୟରେ ଖୁବ୍ ଭାବାବେଗ ସୃଷ୍ଟିକରେ । ମୁଁ ଏଠି କହିବାକୁ ଚାହେଁ କେବଳ ଆଇନ ପ୍ରଣୟନ ଯଥେଷ୍ଟ ନୁହେଁ, ଦାଦନ ଶ୍ରମିକଙ୍କ ପଞ୍ଜୀକରଣ, ସୁରକ୍ଷିତ ସ୍ଥାନାନ୍ତରଣ, ନାବାଳକ-ନାବାଳିକାଙ୍କ ସୁରକ୍ଷା ଏବଂ ଗ୍ରାମାଂଚଳରେ ସ୍ଥାୟୀ କର୍ମସଂସ୍ଥାନ ସୃଷ୍ଟି ଅତ୍ୟନ୍ତ ଜରୁରି । ଯେପର୍ଯ୍ୟନ୍ତ ଗରିବ ପରିବାରମାନେ ନିଜ ଅଂଚଳରେ ସମ୍ମାନଜନକ ଜୀବିକାର ସୁଯୋଗ ପାଇବେ ନାହିଁ, ସେପର୍ଯ୍ୟନ୍ତ ଦାଦନ ସମସ୍ୟାର ଏଭଳି ହୃଦୟବିଦାରକ ଘଟଣା ଘଟିଚାଲିବାର ଆଶଙ୍କା ରହିବ । 'ଦାଦନ' ଶବ୍ଦଟି ଓଡ଼ିଶାରେ ଏକ ବହୁପରିଚିତ ଏବଂ ହୃଦୟବିଦାରକ ବାସ୍ତବତାର ପ୍ରତୀକ । ଜୀବନ ଧାରଣ ପାଇଁ ନିଜ ଜନ୍ମମାଟି, ପରିବାର ଏବଂ ସଂସ୍କୃତିକୁ ଛାଡ଼ି ଅନ୍ୟ ରାଜ୍ୟକୁ ଶ୍ରମିକ ଭାବେ ଯିବାକୁ ଦାଦନ କୁହାଯାଏ । ଓଡ଼ିଶା ପ୍ରାକୃତିକ ସମ୍ପଦ, ସଂସ୍କୃତି ଓ ପରମ୍ପରାରେ ସମୃଦ୍ଧ ଏକ ରାଜ୍ୟ । କିନ୍ତୁ ଏହି ରାଜ୍ୟ ଦୀର୍ଘଦିନ ଧରି ଏକ ଗୁରୁତର ସାମାଜିକ ଓ ଆର୍ଥିକ ସମସ୍ୟାର ସାମ୍ନା କରୁଛି ଯାହା ଓଡ଼ିଶାର 'ଦାଦନ ସମସ୍ୟା' । ଦାଦନ ଅର୍ଥ ହେଉଛି କାମର ସନ୍ଧାନରେ କିମ୍ବା ଦଲାଲଙ୍କ ପ୍ରଲୋଭନରେ ନିଜ ଗାଁ ଓ ରାଜ୍ୟ ଛାଡ଼ି ଅନ୍ୟ ରାଜ୍ୟକୁ ଯାଇ ଅଣପଞ୍ଜିକୃତ ଓ ଅସୁରକ୍ଷିତ ଶ୍ରମିକ ଭାବରେ କାମ କରିବା । ଓଡ଼ିଶାର ଅନେକ ଜିଲ୍ଲା, ବିଶେଷକରି ବଲାଙ୍ଗୀର, କେନ୍ଦୁଝର, ନୂଆପଡ଼ା, କଳାହାଣ୍ଡି, ବରଗଡ଼, ସୋନପୁର, କନ୍ଧମାଳ ଓ କୋରାପୁଟ ଭଳି ଅଂଚଳରୁ ପ୍ରତିବର୍ଷ ହଜାର ହଜାର ଲୋକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଆନ୍ତି । ବର୍ଷକୁ ଓଡ଼ିଶାରୁ ପାଖାପାଖି ତେର ଚଉଦ ଲକ୍ଷ ଅଣପଞ୍ଜିକୃତ ଦାଦନ ବାହାର ରାଜ୍ୟକୁ କାମ କରିବାକୁ ଯାଇଥାନ୍ତି । ସେମାନେ ଭଲ ଆୟ, ସୁଖମୟ ଜୀବନ ଓ ପରିବାରର ଉନ୍ନତିର ସ୍ୱପ୍ନ ନେଇ ଘର ଛାଡ଼ନ୍ତି । କିନ୍ତୁ ସେହି ସ୍ୱପ୍ନ ଅନେକ ସମୟରେ ଦୁର୍ଘଟଣା, ଶୋଷଣ, ଅତ୍ୟାଚାର ଓ ମୃତ୍ୟୁରେ ଶେଷ ହୁଏ । ଦାଦନ ପ୍ରଥା ଆଜିର ନୁହେଁ । ବହୁ ବର୍ଷ ଧରି ଏହା ସମାଜରେ ଚାଲିଆସୁଛି । ପୂର୍ବରୁ ଜମିଦାର କିମ୍ବା ଠିକାଦାରମାନେ ଅଗ୍ରିମ ଟଙ୍କା ଦେଇ ଗରିବ ଲୋକଙ୍କୁ କାମ ପାଇଁ ବାନ୍ଧି ରଖୁଥିଲେ । ବର୍ତ୍ତମାନ ମଧ୍ୟ ଦଲାଲମାନେ ଗାଁକୁ ଆସି ଅଧିକ ମଜୁରି, ଭଲ ରହିବା ବ୍ୟବସ୍ଥା ଓ ନିୟମିତ କାମର ପ୍ରଲୋଭନ ଦେଖାଇ ଶ୍ରମିକମାନଙ୍କୁ ଅନ୍ୟ ରାଜ୍ୟକୁ ନେଇଯାଆନ୍ତି । ସେଠାରେ ପହଂଚିବା ପରେ ଅନେକ ଶ୍ରମିକ ସେ ସୁବିଧା ପାଆନ୍ତି ନାହିଁ ବରଂ ଦୁଃସ୍ଥ ଓ ଅମାନବୀୟ ପରିସ୍ଥିତିରେ କାମ କରିବାକୁ ବାଧ୍ୟ ହୁଅନ୍ତି । ଦାଦନ ସମସ୍ୟାର ମୂଳ କାରଣ ହେଉଛି ଦାରିଦ୍ର୍ୟ । ଗ୍ରାମାଂଚଳରେ ପର୍ଯ୍ୟାପ୍ତ ରୋଜଗାରର ସୁଯୋଗ ନଥିବାରୁ ଲୋକମାନେ ବାହାରକୁ ଯିବାକୁ ବାଧ୍ୟ ହୁଅନ୍ତି । କୃଷି ଉପରେ ନିର୍ଭରଶୀଳ ପରିବାରମାନେ ଅନାବୃଷ୍ଟି, ବନ୍ୟା କିମ୍ବା ଫସଲ ନଷ୍ଟହେବା ଯୋଗୁଁ ଆର୍ଥିକ ସଙ୍କଟରେ ପଡ଼ନ୍ତି । ଶିକ୍ଷାର ଅଭାବ, ବେକାରି, ଋଣବୋଝ ଓ ଅଜ୍ଞତା ମଧ୍ୟ ଦାଦନ ପ୍ରଥାକୁ ବଢ଼ାଇଥାଏ । ଦଲାଲମାନେ ଏହି ଦୁର୍ବଳତାର ସୁଯୋଗ ନେଇ ଲୋକମାନଙ୍କୁ ମିଛ ପ୍ରଲୋଭନ ଦେଖାଇ ବାହାର ରାଜ୍ୟକୁ ନେଇଯାଆନ୍ତି । ଦାଦନ ଶ୍ରମିକଙ୍କ ଜୀବନ ଅତ୍ୟନ୍ତ କଷ୍ଟଦାୟକ । ସେମାନେ ଇଟାଭାଟି, ନିର୍ମାଣ ସ୍ଥଳ, କାରଖାନା, ଖଣି ଓ କୃଷିକ୍ଷେତ୍ରରେ ସକାଳରୁ ରାତି ପର୍ଯ୍ୟନ୍ତ କଠିନ ପରିଶ୍ରମ କରନ୍ତି । ଅନେକ ସମୟରେ ସେମାନଙ୍କୁ ଯଥେଷ୍ଟ ଖାଦ୍ୟ, ବିଶ୍ରାମ, ପାନୀୟଜଳ କିମ୍ବା ଚିକିତ୍ସା ସୁବିଧା ମିଳେନାହିଁ । ମଜୁରି ମଧ୍ୟ ସମୟରେ ଦିଆଯାଏ ନାହିଁ । କେତେକ ସ୍ଥାନରେ ଶାରୀରିକ ଓ ମାନସିକ ନିର୍ଯାତନା ମଧ୍ୟ ସହିବାକୁ ପଡ଼େ । ସେମାନେ ପରିବାରଠାରୁ ଦୂରେ ରହି ଅସହାୟ ଜୀବନ ବିତାନ୍ତି । ଅନେକ ଶ୍ରମିକ ଘରୁ ଜୀବନ ଗଢ଼ିବା ଆଶାରେ ବାହାରନ୍ତି, କିନ୍ତୁ ଶବ ହୋଇ ଫେରନ୍ତି । ସଡ଼କ ଦୁର୍ଘଟଣା, କାରଖାନାରେ ଦୁର୍ଘଟଣା, ବିଦ୍ୟୁତ୍ ସ୍ପର୍ଶ, ଉଚ୍ଚ ସ୍ଥାନରୁ ପଡ଼ିଯିବା, ଅସୁସ୍ଥତା ଓ ଚିକିତ୍ସା ଅଭାବ ଯୋଗୁଁ ଅନେକ ଶ୍ରମିକଙ୍କ ମୃତ୍ୟୁ ଘଟୁଛି । କେତେକ କ୍ଷେତ୍ରରେ ମୃତ୍ୟୁ ପରେ ମଧ୍ୟ ପରିବାର ନ୍ୟାୟ ପାଇପାରେ ନାହିଁ । କ୍ଷତିପୂରଣ ମିଳେନାହିଁ କିମ୍ବା ମୃତଦେହକୁ ଘରକୁ ଆଣିବା ପାଇଁ ମଧ୍ୟ ବହୁତ ସଂଘର୍ଷ କରିବାକୁ ପଡ଼େ । ଏପରି ଘଟଣା କେବଳ ଗୋଟିଏ ମଣିଷର ମୃତ୍ୟୁ ନୁହେଁ, ଏକ ପରିବାରର ସ୍ୱପ୍ନର ଅନ୍ତ ଅଟେ । ଦାଦନର ମୃତ୍ୟୁ ପରେ ପରିବାର ସମ୍ପୂର୍ଣ୍ଣ ଭାବେ ଭାଙ୍ଗିପଡ଼େ । ଯିଏ ପରିବାରର ମୁଖ୍ୟ ରୋଜଗାରକ୍ଷମ ବ୍ୟକ୍ତି ଥାଆନ୍ତି, ତାଙ୍କ ମୃତ୍ୟୁ ପରେ ସ୍ତ୍ରୀ, ସନ୍ତାନ ଓ ବୃଦ୍ଧ ମାତାପିତା ଅସହାୟ ହୋଇପଡ଼ନ୍ତି । ଅନେକ ପରିବାର ଋଣରେ ବୁଡ଼ିଯାଆନ୍ତି । ଏହାର ପ୍ରଭାବ ସମାଜ ଉପରେ ମଧ୍ୟ ପଡ଼େ । ଗାଁରେ ଶ୍ରମଶକ୍ତି କମିଯାଏ, ଅର୍ଥନୈତିକ ଉନ୍ନତି ବାଧାପ୍ରାପ୍ତ ହୁଏ ଏବଂ ଦାରିଦ୍ର୍ୟର ଚକ୍ର ଚାଲିଥାଏ । ଦାଦନ ଶ୍ରମିକମାନଙ୍କ ଜୀବନ ଅତ୍ୟନ୍ତ କଷ୍ଟଦାୟକ । ସେମାନଙ୍କୁ ଅନେକ ସମୟରେ ଯଥାର୍ଥ ମଜୁରି ମିଳେନାହିଁ । କାମର ସମୟ ଅଧିକ ହୋଇଥାଏ ଏବଂ ରହିବା, ଖାଇବା ଓ ଚିକିତ୍ସାର ଉପଯୁକ୍ତ ସୁବିଧା ମିଳେନାହିଁ । କେତେକ ସ୍ଥାନରେ ସେମାନେ ଶୋଷଣ, ନିର୍ଯାତନା ଓ ଅମାନବିକ ବ୍ୟବହାରର ଶିକାର ହୁଅନ୍ତି । ଅନେକ ସମୟରେ ଦୁର୍ଘଟଣାରେ ମୃତ୍ୟୁ ହେଲେ ମଧ୍ୟ ପରିବାର ଲୋକେ ଉଚିତ କ୍ଷତିପୂରଣ ପାଇନଥାନ୍ତି । ଏହା ଦାଦନ ସମସ୍ୟାକୁ ଆହୁରି ଗୁରୁତର କରିଥାଏ । ଦାଦନ ପ୍ରଥାର ସବୁଠାରୁ ବଡ଼ ପ୍ରଭାବ ପଡ଼େ ପରିବାର ଓ ଶିଶୁମାନଙ୍କ ଉପରେ । ବାପା-ମାଆ ଦାଦନ ଖଟିବାକୁ ଯାଇଥିବାରୁ ପିଲାମାନଙ୍କ ପଢ଼ାଶୁଣା ବାଧାପ୍ରାପ୍ତ ହୁଏ । ଅନେକ ଶିଶୁ ବିଦ୍ୟାଳୟ ଛାଡ଼ି ଦେଇଥାନ୍ତି କିମ୍ବା ବାପା ମାଆଙ୍କ ସହ କାମ କରିବାକୁ ବାଧ୍ୟ ହୁଅନ୍ତି । ଏହା ଶିଶୁଶ୍ରମ ଓ ଅଶିକ୍ଷାକୁ ବୃଦ୍ଧିକରେ । ପରିବାରରେ ସାମାଜିକ ସମ୍ପର୍କ ମଧ୍ୟ ଦୁର୍ବଳ ହୋଇଯାଏ । ଓଡ଼ିଶା ସରକାର ଦାଦନ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ଗ୍ରାମାଂଚଳରେ କାମର ସୁଯୋଗ ବଢ଼ାଇବା ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ନିଶ୍ଚିତକରଣ ଯୋଜନା କାର୍ଯ୍ୟକାରୀ କରାଯାଇଛି । ସ୍ୱୟଂସହାୟକ ଗୋଷ୍ଠୀ, କୌଶଳ ବିକାଶ ପ୍ରଶିକ୍ଷଣ, କ୍ଷୁଦ୍ର ଶିଳ୍ପ ଓ ସ୍ୱରୋଜଗାର ଯୋଜନା ମାଧ୍ୟମରେ ଲୋକଙ୍କୁ ନିଜ ଅଂଚଳରେ ଜୀବିକାର ସୁଯୋଗ ସୃଷ୍ଟି କରାଯାଉଛି । ମାତ୍ର ଏଗୁଡ଼ିକ ଠିକ୍ ଭାବରେ କାର୍ଯ୍ୟକାରୀ ହୋଇପାରୁ ନଥିବାରୁ ସାଧାରଣ ଜନତା ନିଜ ପେଟର ଭୋକ ମେଂଟାଇବା ପାଇଁ ଦାଦନ ହୋଇଯାଏ । ଏକଥା ସରକାର ଜାଣନ୍ତି, କିନ୍ତୁ ନଜାଣିଲା ପରି ଚୁପ୍ ହୋଇ ବସିଯାଆନ୍ତି ।

# ମୃତ୍ୟୁର ମୃତ୍ୟୁ ଆସନ୍ନ

ଜୀବନର ଅନିବାର୍ଯ୍ୟ ପରିଣତି ମୃତ୍ୟୁ ବୋଲି କାହାକୁ ବା ଅଜଣା ସେଥିପାଇଁ ମୁନିଋଷି ଓ ପୈଗମ୍ବରମାନେ ମୃତ୍ୟୁର ରହସ୍ୟ ଅନ୍ୱେଷଣ ପାଇଁ ଯେତିକି ପ୍ରୟାସ କରିଛନ୍ତି, ତତୋଽଧିକ ଯତ୍ନଶୀଳ ହୋଇଛନ୍ତି ମରଣର ମହନୀୟତା ପ୍ରତିପାଦନ କରିବା ପାଇଁ । କହିଛନ୍ତି ମଣିଷର କାନେକାନେ, ଜୀବନ ମାୟା, ମୃତ୍ୟୁ ସତ୍ୟ । ଭକ୍ତମଧୁ ଯେମିତି ସଚେତନ କରାଇଛନ୍ତି ସମସ୍ତଙ୍କୁ: "ନିଃଶବ୍ଦେ ଜୀବନସ୍ରୋତ ଧାଉଁଛି କିପରି ଭେଟିବାକୁ ମୃତ୍ୟୁସିନ୍ଧୁ କରାଳ ଲହରି ।" ସଚେତନ କରାଇଛନ୍ତି ସନ୍ଥକବି ଭୀମଭୋଇ: "ଦୁର୍ଲଭ ଜୀବନ କଲୁ ଅଗାଡ଼ି ।" ମୃତ୍ୟୁକୁ ଜାଣିଲେ ଜୀବନକୁ ଜିଣିହେବ ବୋଲି ମନୀଷୀମାନଙ୍କ ମତ । ମତାନ୍ତର ରହିଛି ମଧ୍ୟ ଏ କ୍ଷେତ୍ରରେ । ମୃତ୍ୟୁ ଯଦି ଅବଶ୍ୟମ୍ଭାବୀ, ଜୀବନର ପ୍ରତି ମୁହୂର୍ତ୍ତକୁ ମଣିଷ ଭୋଗ ନ କରିବ କାହିଁକି ? ଓମର ଖାୟାମଙ୍କ ଉକ୍ତି ଉଦାହରଣୀୟ: "ଗତକାଲି ସେ ତ ମରଣ ସେପାରେ, ଅନାଗତ କେଉଁ ସୁଦୂରେ, କି ଲାଗି ଭାବନା ଆଜି ଏ ବାସର ମଧୁମୟ ଯେବେ କରିପାର ମଧୁରତୁରେ ।" ବିଜ୍ଞାନୀମାନେ କିନ୍ତୁ ମରଣ-ବିଜୟ ଉପରେ ଗୁରୁତ୍ୱାରୋପ କରୁଛନ୍ତି । ଭାରତୀୟ ଚେତନାରେ ଅବଶ୍ୟ ଅମରତ୍ୱ ପ୍ରସଙ୍ଗ ଅନାଦି କାଳରୁ ରହିଆସିଛି । ମଣିଷକୁ ଅମୃତର ସନ୍ତାନ ବୋଲି କହାଯାଇଛି ତ ସାବିତ୍ରୀ-ସତ୍ୟବାନ ଉପାଖ୍ୟାନରେ ରହିଛି ମୃତ୍ୟୁ ଜୟର ମହାଗାଥା । କିନ୍ତୁ ଆଧୁନିକ ଦୃଷ୍ଟିଭଙ୍ଗୀଟି ଭିନ୍ନ, ବିଜ୍ଞାନ ଓ ପରିସଂଖ୍ୟାନ ଆଧାରିତ । ଜନ୍ମ ହେଉହେଉ ମୃତ୍ୟୁ ଅଥବା ଜନ୍ମ ଦେଉଦେଉ ମୃତ୍ୟୁ- ଏହି ନିର୍ଦ୍ଦୟ ଘଟଣା ଅତି ସାଧାରଣ ଥିଲା ଶତାବ୍ଦୀଟିଏ ଆଗରୁ । ପ୍ରଜାପାଟକଙ୍କ ପରିବାର କଥା ଛାଡ଼ନ୍ତୁ, ରାଜପୁତ୍ରମାନେ ବି ଜନ୍ମହେବାବେଳେ ମରଣ ମୁଖରେ ପଡୁଥିଲେ ତ ରାଜବଧୂମାନେ ପ୍ରସବ କାଳରେ ପରଲୋକ ଗମନ କରୁଥିଲେ । କିନ୍ତୁ ଇଦାନୀନ୍ତନ ପୃଥିବୀରେ ମାତୃ ଓ ଶିଶୁ ମୃତ୍ୟୁହାର ଆଶାତୀତ ଭାବରେ ହ୍ରାସ ପାଇଛି । ଊନବିଂଶ-ବିଂଶ ଶତାବ୍ଦୀରେ ମହାମାରୀ ଥିଲା ସବୁଠାରୁ ବଡ଼ ଆତଙ୍କ । ବସନ୍ତ, ହଇଜା ଓ ମ୍ୟାଲେରିଆରେ ଗାଁ ଗଣ୍ଡା ସଫା ହୋଇଯାଉଥିଲା । ବ୍ୟାଧି ପୂର୍ବଜନ୍ମର କୁକର୍ମର ଫଳ ବୋଲି ଧରିନିଆଯାଉଥିଲା । କିନ୍ତୁ ଭୂତାଣୁ ବ୍ୟାଧିର କାରଣ ବୋଲି ଜଣାପଡ଼ିଲା ଠାରୁ ବ୍ୟାଧି ନିରାକରଣର ପଥ ପରିଷ୍କାର ହୋଇପାରିଛି । ଚିକିତ୍ସା ବିଜ୍ଞାନର ଅଭୂତପୂର୍ବ ଅଗ୍ରଗତି ଯୋଗୁଁ ମୃତ୍ୟୁ ଭୀତତ୍ରସ୍ତ । କରୋନାର ସନ୍ତ୍ରାସ ବି ବିଜ୍ଞାନ ଦ୍ୱାରା ନିୟନ୍ତ୍ରିତ । ପୂର୍ବରୁ ବିଶ୍ୱଯୁଦ୍ଧରେ ମୃତ୍ୟୁସଂଖ୍ୟା ଥିଲା ଅଗଣିତ । ଏବେ ଯୁଦ୍ଧଜନିତ ମୃତ୍ୟୁର ବିଭୀଷିକା ଅନେକାଂଶରେ ଅନୁପସ୍ଥିତ । ସେମିତି ଅଭାବ, ଅନଟନ ଓ ଅନାହାର ପରି ଭୟଙ୍କର ସଙ୍କଟର ଯୁଗାବସାନ ମଧ୍ୟ ଘଟିଛି । ବୈଜ୍ଞାନିକ ପଦ୍ଧତିରେ ଶସ୍ୟ ଉତ୍ପାଦନ ଫଳରେ ଅନଟନ ନାହିଁ, ନାହିଁ ତେଣୁ 'ଅନାହାର'ର ତାଣ୍ଡବ । କୃଷି ବିଜ୍ଞାନ ଓ ଗଣତାନ୍ତ୍ରିକ ସରକାରଙ୍କ ଉଦ୍ୟମରେ ଅନାହାର ମୃତ୍ୟୁ ନିୟନ୍ତ୍ରିତ । ଯଦି କଦାଚିତ କେଉଁଠାରେ ଅନାହାର ଜନିତ ମୃତ୍ୟୁ ଘଟୁଥାଏ, ତାହାର କାରଣ ପ୍ରାଶାସନିକ ଓ ସାମାଜିକ ଅବହେଳା ହୋଇପାରେ । ମହାମାରୀ ଛଡ଼ା ଜ୍ୱର, କାଶ ଠାରୁ କ୍ୟାନସର ପର୍ଯ୍ୟନ୍ତ ସବୁ ବ୍ୟାଧିର ଗନ୍ତାଘର ମଣିଷ ଶରୀର । କିନ୍ତୁ ଆଧୁନିକ ଭେଷଜ ବିଜ୍ଞାନ ରୋଗମୁକ୍ତିର ମାର୍ଗ ଉନ୍ମୋଚନ କରି ମୃତ୍ୟୁକୁ ଏକ ପରିହାସରେ ପରିଣତ କରିଛି । ତେବେ ବାର୍ଦ୍ଧକ୍ୟରେ ମଣିଷ ମୃତ୍ୟୁମୁଖରେ ପଡ଼ିବାକୁ ବାଧ୍ୟ । କାରଣ ସେହି ପର୍ଯ୍ୟାୟରେ ମଣିଷ ଉପନୀତ ହେଲାବେଳକୁ ତା' ଶରୀର ବାର୍ଦ୍ଧକ୍ୟ-ବ୍ୟାଧିରେ ପୀଡ଼ିତ ହୋଇସାରିଥାଏ । ଶରୀରର ଶକ୍ତି କ୍ଷୟ ହୋଇସାରିଥାଏ । ସେହି ଦୁର୍ବଳ ଗଳାବାଟ ଦେଇ ମୃତ୍ୟୁ ମଣିଷ ପାଖକୁ ଧସେଇ ପଶେ । ସେ ବାଟ ବି ବିଜ୍ଞାନ ବନ୍ଦ କରିଦେଲାଣି । ଯାନବାହନକୁ ମରାମତି କଲା ପରି ମଣିଷର ଆପାଦମସ୍ତକ ମରାମତି କରାଯାଇ ତା'ର ଶରୀରକ୍ଷୟକୁ ରୋକାଯାଇପାରୁଛି । ମଣିଷ ଶରୀରକୁ କର୍କଟ ମୁକ୍ତ କରି ମୃତ୍ୟୁକୁ ପରାହତ କରିବା ପାଇଁ ଆଧୁନିକ ବିଜ୍ଞାନ ପ୍ରୟାସରତ । କେତେକାଂଶରେ ସମର୍ଥ ମଧ୍ୟ । ବିଜ୍ଞାନର ଅନୁକମ୍ପାରୁ ମଣିଷ ଦ୍ୱିଶତ ବର୍ଷ ବଞ୍ଚିବା ସମ୍ଭବ ହେବ । ଅମରତ୍ୱ ଆଉ କ'ଣ କି ? କିନ୍ତୁ ବିଜ୍ଞାନର ହାତ ପାଉନାହିଁ ବିପର୍ଯ୍ୟୟ ପର୍ଯ୍ୟନ୍ତ । ନୂଆନୂଆ ଦୈବଦୁର୍ବିପାକ ପୃଥିବୀକୁ ଗ୍ରାସ କରିବାରେ ଲାଗିଛି । ମହାବାତ୍ୟା ଠାରୁ ଭୂମିକମ୍ପ ଓ ସୁନାମି ପର୍ଯ୍ୟନ୍ତ ବିପର୍ଯ୍ୟୟର ତାଲିକା ବେଶ୍ ଦୀର୍ଘ । ମନୁଷ୍ୟକୃତ ବିପର୍ଯ୍ୟୟର ସଂଖ୍ୟା ବି ବଢ଼ିବଢ଼ି ଚାଲିଛି । କଳକାରଖାନାରେ ଅଗ୍ନ୍ୟୁତ୍ପାତ, ଗ୍ୟାସ୍ ଲିକ୍, ଖଣିସ୍ଖଳନ ଆଦି ବିପର୍ଯ୍ୟୟରୁ ମଣିଷର ମୁକ୍ତି କାହିଁ ? ସଡ଼କ ଦୁର୍ଘଟଣା ଠାରୁ ଏୟାରକ୍ରାସ୍- ଏସବୁ ବିପର୍ଯ୍ୟୟ ନିତିଦିନିଆ ଘଟଣା ପାଲଟିଛି । ଏଥିରୁ ମଣିଷର ତ୍ରାହି କାହିଁ! ଏଠି ବିଜ୍ଞାନ ଫେଲ୍ । ସୁତରାଂ ବିଜ୍ଞଜନଙ୍କ ମତରେ ମଣିଷ 'ଇମୋର୍ଟାଲ' ନୁହେଁ, 'ଆମୋର୍ଟାଲ' ହେବା ଆଉ ବିଳମ୍ବ ନାହିଁ ଅର୍ଥାତ୍ ମଣିଷ ଅମର ନହେଲେ ବି ଆୟୁଷ୍ମାନ ହୋଇ ରହିବ, ଚିରଞ୍ଜୀବୀ ନହେଲେ ବି ଦୀର୍ଘଜୀବୀ ହୋଇପାରିବ । ସାଂପ୍ରତିକ ବିଶ୍ୱ ଏକ ବିରୋଧାଭାସ ମଧ୍ୟ ଦେଇ ଗତି କରୁଛି । ଶାରୀରିକ ସୁସ୍ଥତା କ'ଣ କେବଳ ସୁସ୍ଥତା ? ମାନସିକ ବ୍ୟାଧିର ବୃଦ୍ଧି ମଣିଷ ସମାଜ ଆଗରେ ଏକ ନୂଆ ହିମାଦ୍ରି ଠିଆ କରାଇଛି । ସମସ୍ତ ପ୍ରାଚୁର୍ଯ୍ୟ ସତ୍ତ୍ୱେ ବିଷାଦ ଓ ଅବସାଦ କାହିଁକି ? ଦୁଇଶହ ବର୍ଷ ବଞ୍ଚି ରହି ମଣିଷ ମାନସିକ ବ୍ୟାଧିଗ୍ରସ୍ତ ହେଲେ ପୃଥିବୀର ଅବସ୍ଥା କ'ଣ ହେବ ? ଉଲ୍ଲେଖ ପ୍ରାସଙ୍ଗିକ ଯେ, ଶାରୀରିକ ସୁସ୍ଥତା ପାଇଁ ଆବଶ୍ୟକ ଅତ୍ୟାଧୁନିକ ଉପଚାର ଯାହା ଅବଶ୍ୟ ବ୍ୟୟବହୁଳ । କେବଳ ଧନାଢ଼୍ୟ ବା କ୍ଷମତାସୀନ ବ୍ୟକ୍ତିମାନେ ଆର୍ଥିକ ସାମର୍ଥ୍ୟ ବଳରେ ସୁଦୀର୍ଘ ଜୀବନ ଜିଇଁପାରିବେ । ତେବେ ସ୍ୱଳ୍ପାୟୁମାନଙ୍କ କ୍ରୋଧରୁ ସେମାନେ ବର୍ତ୍ତିପାରିବେ ତ ? ଏହା ଅରାଜକତାକୁ ଜନ୍ମ ଦେବ ନାହିଁକି ? ସମାଜ ବ୍ୟବସ୍ଥାକୁ ଦୋହଲାଇ ଦେବ ନାହିଁ କି ? ଏବଂ ଏ କ୍ଷେତ୍ରରେ ଶେଷକଥାଟି ହେଉଛି ପିଢ଼ି ବ୍ୟବଧାନର ମହାସଙ୍କଟ । ଗୋଟିଏ ସମାଜରେ ପାଂଚ ପିଢ଼ିର ଲୋକେ ଏକତ୍ର ରହିପାରିବେ ତ ? ଏ ପ୍ରଶ୍ନ ବିଜ୍ଞାନୀମାନଙ୍କ ପାଇଁ ନୁହେଁ, ସମାଜ-ବିଜ୍ଞାନୀମାନଙ୍କ ପାଇଁ ଅଭିପ୍ରେତ ।

# ବହି ସହିତ ପ୍ରଥମ ପ୍ରେମ

ଆଜିକାଲି ପାଠ୍ୟପୁସ୍ତକରେ ବୈଜ୍ଞାନିକ ଦୃଷ୍ଟିକୋଣ ବିକଶିତ କରିବା ପାଇଁ ବୈଜ୍ଞାନିକମାନଙ୍କ ଜୀବନୀ, କଦଳୀ ଚାଷ, ଦିଆସିଲି ପରି ବିଷୟଗୁଡ଼ିକୁ ସ୍ଥାନ ଦିଆଯାଉଛି । କିନ୍ତୁ ମୋର ମନେହୁଏ, ବୈଜ୍ଞାନିକ ଦୃଷ୍ଟିର ପ୍ରକୃତ ବିକାଶ କେବଳ ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟରୁ ହୁଏନାହିଁ । ଆମ ସମୟର 'ଜଟାର କୁଟା' ପରି କବିତା ଅନ୍ଧବିଶ୍ୱାସ, ଧର୍ମ ନାମରେ ପ୍ରଚାରିତ ଭ୍ରମ ଓ ଢଙ୍ଗକୁ ଯେପରି ତୀକ୍ଷ୍ଣ ଭାବରେ ଉନ୍ମୋଚନ କରିଥିଲା, ତାହା କୌଣସି ବୈଜ୍ଞାନିକ ପାଠଠାରୁ କମ୍ ପ୍ରଭାବଶାଳୀ ନଥିଲା । ତୃତୀୟ ଶ୍ରେଣୀରୁ ମୋର ବହି ପଢ଼ିବାର ବହୁତ ଆଗ୍ରହ ବଢ଼ିଯାଇଥିଲା । ମୋର ବିଶ୍ୱାସ, ଯଦି କୌଣସି ପିଲାର ପଢ଼ିବା-ଲେଖିବାର କ୍ଷମତା ସହିତ ବହି ପ୍ରତି ଭଲପାଇବା ଏବଂ ଜ୍ଞାନ ପାଇବାର ଗଭୀର ଇଚ୍ଛା ଥାଏ, ତେବେ ତା'ପାଇଁ ଦୁନିଆର ସବୁ ଦୁଆର ଖୋଲିଯାଏ । ତୃତୀୟ ଶ୍ରେଣୀରେ ପଢୁଥିବା ବେଳେ ସମାଜ ମଙ୍ଗଳ ବିଭାଗର ଏକ ଛୋଟ ପୁସ୍ତକାଳୟ ମୋ ହାତକୁ ଆସିଥିଲା । ସେହି ପୁସ୍ତକାଳୟ ରଜାକ ଭାଇଙ୍କ ଘରେ ରଖାଯାଇଥିଲା । ବହୁ ବର୍ଷ ପୂର୍ବରୁ ଜଣେ ଗ୍ରାମସେବକ ସେଠାରେ ବହିଗୁଡ଼ିକ ରଖିଥିଲେ । କିନ୍ତୁ ପରେ ସେଗୁଡ଼ିକର ଦେଖାଶୁଣା କରିବାକୁ କିମ୍ବା ହିସାବ ରଖିବାକୁ କେହି ରହିଲେନାହିଁ । ସେହି ପୁସ୍ତକାଳୟରେ ପୁରୁଣା ଓଡ଼ିଆ କବିତା, ପିଲାମାନଙ୍କ ବହି, ଉପନ୍ୟାସ, ଗଳ୍ପ ଓ ନାଟକର ବହୁତ ଭଲ ସଂଗ୍ରହ ଥିଲା । ପ୍ରଥମେ ମୁଁ ପିଲାମାନଙ୍କ ବହି ପଢ଼ିବା ଆରମ୍ଭ କଲି । ଧୀରେ ଧୀରେ ବଡ଼ ସାହିତ୍ୟ ପ୍ରତି ଆକର୍ଷଣ ବଢ଼ିଲା । ପଢ଼ିବା ମୋ ପାଇଁ ଏକ ନିଶା ପାଲଟିଗଲା । ଆମର କେତେକ ଶିକ୍ଷକ ଝଙ୍କାର ଓ ସହକାର ପରି ସାହିତ୍ୟ ପତ୍ରିକା ଆଣୁଥିଲେ । ଆଉ କେତେକ ଶିକ୍ଷକ କୋଲକାତାରୁ ଲୋକପ୍ରିୟ ଓଡ଼ିଆ ଉପନ୍ୟାସ ମଗାଉଥିଲେ । ସ୍ଥାନୀୟ ଶିକ୍ଷକମାନେ ହିନ୍ଦୀର ପ୍ରସିଦ୍ଧ ଉପନ୍ୟାସକାର ଗୁଲଶନ ନନ୍ଦା, ପ୍ରେମ ବାଜପେୟୀ, ଆଚାର୍ଯ୍ୟ ଚତୁରସେନ ଓ ଗୁରୁଦତଙ୍କ ବହି ପଢୁଥିଲେ ଏବଂ ମଗାଉଥିଲେ । ଆମର ଏହି ଛୋଟ ଗାଁରେ ମଧ୍ୟ ବହିକୁ ଭଲପାଉଥିବା କେତେକ ଲୋକ ଥିଲେ । ସେମାନଙ୍କ ସଙ୍ଗ ମୋର ପଢ଼ିବାର ଆଗ୍ରହକୁ ଆହୁରି ବଢ଼ାଇ ଦେଲା । ହାଇସ୍କୁଲରେ ଶିକ୍ଷକ ଧନେଶ୍ୱର ପ୍ରଧାନ ଆମ ପୁସ୍ତକାଳୟ ଦାୟିତ୍ୱରେ ଥିଲେ । ସେତେବେଳକୁ ପ୍ରତିଦିନ ଅତି କମ୍ରେ ଦୁଇଶହ ପୃଷ୍ଠା ପଢ଼ିବା ମୋର ଅଭ୍ୟାସ ହୋଇଯାଇଥିଲା । କେବେକେବେ ରାତିରେ ଚାନ୍ଦ ଆଲୁଅରେ ବସି ମଧ୍ୟ ବହି ପଢୁଥିଲି । ମୋ ଘର ସ୍କୁଲଠାରୁ ପ୍ରାୟ ତିନି କିଲୋମିଟର ଦୂରରେ ଥିଲା । ତଥାପି ରାସ୍ତାସାରା ବହି ପଢ଼ି ପଢ଼ି ସ୍କୁଲକୁ ଯାଉଥିଲି । ଶ୍ରେଣୀଗୃହରେ ମଧ୍ୟ ଶିକ୍ଷକ ପାଠ ପଢ଼ାଉଥିବା ବେଳେ ମୁଁ ଜଙ୍ଘତଳେ ଗଳ୍ପ ବା ଉପନ୍ୟାସ ଲୁଚାଇ ପଢୁଥିଲି । ଅନେକ ଥର ଧରା ମଧ୍ୟ ପଡ଼ିଛି । ମୋର ବହି ପ୍ରତି ଏହି ଭଲପାଇବା ଦେଖି ପୁସ୍ତକାଳୟ ଦାୟିତ୍ୱରେ ଥିବା ଧନେଶ୍ୱର ପ୍ରଧାନ ମୋତେ ପୁସ୍ତକ ଆଲମାରିର ଚାବି ଦେଇଦେଲେ । ମୋ ଇଚ୍ଛାମତେ ବହି କାଢ଼ି ପଢ଼ିବାର ସମ୍ପୂର୍ଣ୍ଣ ସ୍ୱାଧୀନତା ମିଳିଗଲା । ଅଷ୍ଟମରୁ ଏକାଦଶ ଶ୍ରେଣୀ ମଧ୍ୟରେ ମୁଁ ଅସଂଖ୍ୟ ଓଡ଼ିଆ ବହି ପଢ଼ି ସାରିଥିଲି । କଟକ ସହର ଓଡ଼ିଶାର ଜ୍ଞାନର ଭଣ୍ଡାର ଥିଲା । ଆଜି ଭାବିଲେ ଲାଗେ, ପିଲାବେଳେ ବହି ପ୍ରତି ଜାଗିଥିବା ସେହି ଆଗ୍ରହ ମୋ ଜୀବନର ସବୁଠାରୁ ବଡ଼ ସମ୍ପଦ ଥିଲା । ଆଶ୍ଚର୍ଯ୍ୟର କଥା, ଏହାର ଆରମ୍ଭ ହୋଇଥିଲା ତୃତୀୟ ଶ୍ରେଣୀର ଏକ ଛୋଟ କାହାଣୀରୁ । ସେହି ପଥରେ ଏମିତି ଜଣେ ପିଲାଙ୍କ କଥା ଥିଲା, ଯିଏ ପରେ ଜଣେ ମହାନ ବ୍ୟକ୍ତି ହୋଇଥିଲେ । ପିଲାବେଳେ ତାଙ୍କ ମନରେ ଅନେକ ପ୍ରଶ୍ନ ଉଠୁଥିଲା । ସେ ପ୍ରତ୍ୟେକ ପ୍ରଶ୍ନ ନିଜ ମାଆଙ୍କୁ ପଚାରୁଥିଲେ । ମାଆଙ୍କର ଉତ୍ତର ସବୁବେଳେ ଏକା ଇ ଥିଲା ଓ ଯାହା ପଚାରିଲେ ବି ମା' ପୁଅକୁ ଉତ୍ତର ଦେଉଥିଲେ: 'ବାବୁ ରେ, ସବୁ କଥା ପଢିଲେ ଜାଣିବୁ' । ଏହି ଗୋଟିଏ ବାକ୍ୟ ମୋ ମନରେ ଗଭୀର ଭାବରେ ରହିଗଲା । ସେହି ଗଳ୍ପ ମୋ ଭିତରେ ପଢ଼ିବାର ଅଦମ୍ୟ ଇଚ୍ଛା ସୃଷ୍ଟି କରିଥିଲା । ଅନେକ ପିଲା ପଢୁଥିଲେ ମଧ୍ୟ ସବୁ କଥା ବୁଝିପାରନ୍ତି ନାହିଁ । ଏହାର ଅନେକ କାରଣ ଥାଇପାରେ । କିନ୍ତୁ ପଢ଼ିଲେ ସବୁ ଜାଣିହେବ ବୋଲି ଯେଉଁ ବିଶ୍ୱାସ ମନରେ ଜନ୍ମନିଏ ସେହି ବିଶ୍ୱାସ ନିଜେ ଜ୍ଞାନ ଅନ୍ୱେଷଣର ଆରମ୍ଭ କରେ । ଯେଉଁ କଥା ମନକୁ ଛୁଇଁଯାଏ, ସେହି କଥା ଲୁଗାରେ ରଙ୍ଗ ଲାଗିଥିବା ପରି ସାରାଜୀବନ ମନରେ ରହିଯାଏ । ଆଜି ମଧ୍ୟ ସେହି ପାଠ୍ୟପୁସ୍ତକର ଗୋଟିଏ ଗୀତ ମୋର ମନେଅଛି । ତାହାର ନାମ ଥିଲା 'ଜଟାରୁ କୁଟା' । ଗୀତଟି ଆରମ୍ଭ ହେଉଥିଲା 'ଜପେ ତପେ ସିଦ୍ଧ ଏକ କୁଶଳ ବାବାଜୀ, ଅଷ୍ଟାଙ୍ଗ ଶରୀରେ ଅଙ୍ଗେ ବିଭୂତି ବିରାଜି । ଦିନେ ଚେଲାଙ୍କ ସହିତ, ଭାଉପୁର ଗ୍ରାମେ ଆସି ହେଲେ ଉପଗତ' । ତୃତୀୟ ଶ୍ରେଣୀରେ ସିଦ୍ଧ, ବିରାଜି, ଅଷ୍ଟାଙ୍ଗ, ଉପଗତ ପରି ଶବ୍ଦର ଅର୍ଥ ଆମେ ବୁଝି ପାରୁନଥିଲୁ । ତେବେ ଯାଇ ବୁଝିଲୁ, ଯେତେବେଳେ ଆମ ଶିକ୍ଷକ ପ୍ରଥମେ ସେହି ଗୀତର ସମ୍ପୂର୍ଣ୍ଣ କାହାଣୀ ଆମକୁ କହିଥିଲେ । ତା'ପରେ କଠିନ ଶବ୍ଦର ଅର୍ଥ ଓ କାହାଣୀ ଶୁଣି ଆମେ ବହୁତ ଖୁସି ହାଇଥିଲୁ । ତା'ପରେ ପ୍ରାୟ ଆଠ-ଦଶ ଦିନ ଧରି ଶିକ୍ଷକ ପ୍ରତ୍ୟେକ ପଦରେ ରହି ଗୀତର ଅର୍ଥ, ପ୍ରସଙ୍ଗ ଓ କଠିନ ଶବ୍ଦଗୁଡ଼ିକୁ ଆମେ ବୁଝିପାରୁଥିବା ସରଳ ଭାଷାରେ ବୁଝାଉଥିଲେ । ପ୍ରଶ୍ନ-ଉତ୍ତର ଓ ଆଲୋଚନା ମାଧ୍ୟମରେ ଆମେ କେତେ ବୁଝିଛୁ ତାହା ଜାଣୁଥିଲେ । ତା'ପରେ ଗୀତଟି ମୁଖସ୍ଥ କରାଯାଉଥିଲା ଏବଂ ପରେ ପଢ଼ିବା ଓ ଲେଖିବାର ଅଭ୍ୟାସ କରାଯାଉଥିଲା । ଆଜି ଭାବେ, ପଚାଶ-ଷାଠିଏ ବର୍ଷ ପୂର୍ବରୁ ସାହିତ୍ୟ ପଢ଼ାଇବାର ସେହି ପଦ୍ଧତି ସତରେ କି ଅପ୍ରାସଙ୍ଗିକ ହୋଇଯାଇଛି ? ଆଜି ଶିକ୍ଷା କ୍ଷେତ୍ରରେ ସିଦ୍ଧାନ୍ତ ଓ ପଦ୍ଧତିର ବିଶେଷଜ୍ଞ ବହୁତ ଅଛନ୍ତି । କିନ୍ତୁ ସେତେବେଳେ ଶିକ୍ଷକଙ୍କ ଭାଷା ଉପରେ ଦକ୍ଷତା, ବିଷୟର ଗଭୀର ବୁଝାମଣା ଓ ପଢ଼ାଇବା ପ୍ରତି ତାଙ୍କର ନିଷ୍ଠା ହିଁ ସାହିତ୍ୟକୁ ସତରେ ସାହିତ୍ୟ କରି ରଖୁଥିଲା । ଭାଷା ଶିଖାଇବା ଅର୍ଥ ଅନ୍ତରର ଅଭିବ୍ୟକ୍ତିକୁ ସରଳ କରି ପଢ଼ି ଲେଖି କହିପାରିବା । ଗୀତର କାହାଣୀଟି ବହୁତ ସରଳ, କିନ୍ତୁ ଅତ୍ୟନ୍ତ ମର୍ମସ୍ପର୍ଶୀ ଥିଲା । ଭାବପୁର ଗାଁକୁ ଜଣେ ବାବାଜୀ ଆସିଲେ । ଗାଁ ବାହାରେ ସେ ଗୋଟିଏ ଛୋଟ କୁଟୀର ତିଆରି କରି ରହିବାକୁ ଲାଗିଲେ । ସରଳ ଗ୍ରାମବାସୀମାନେ ତାଙ୍କୁ ବହୁତ ସମ୍ମାନ କରୁଥିଲେ । ଦିନେ ବାବାଜୀ ଗ୍ରାମବାସୀଙ୍କୁ କହିଲେ 'ତୁମ ଅଂଚଳରେ ଚୋରଙ୍କ ଭୟ ଅଛି । ତୁମମାନଙ୍କର ସୁନାରୁପା ଗହଣା ସବୁ ମୋ କୁଟୀର ତଳେ ଗାତଖୋଳି ରଖିଦିଅ । ସବୁ ସୁରକ୍ଷିତ ରହିବ । ଚୋରର ଭୟ ଯିବା ପରେ ଆସି ନିଜ ନିଜ ସମ୍ପତି ନେଇଯିବ' । ଗ୍ରାମବାସୀ ତାଙ୍କ କଥାକୁ ସତ ବୋଲି ବିଶ୍ୱାସ କଲେ । ସମସ୍ତେ ନିଜର ସୁନା-ରୁପା ତାଙ୍କ ପାଖରେ ରଖିଦେଲେ ଏବଂ ନିଶ୍ଚିନ୍ତ ହୋଇଗଲେ । ଚୋରମାନେ ମଧ୍ୟ ନିରାଶ ହୋଇ ଫେରିଗଲେ । କିଛିଦିନ ପରେ ଦିନେ ସକାଳେ ବାବାଜୀ ଗାଁ ଛାଡ଼ି ଚାଲିଯିବାକୁ ଇଚ୍ଛା ପ୍ରକାଶ କଲେ । ଏହା ଶୁଣି ସାରା ଗାଁ ଦୁଃଖରେ ଭରିଉଠିଲା । ସମସ୍ତେ ଭକ୍ତି ଓ ଭାବବିହ୍ୱଳତାର ସହିତ ତାଙ୍କୁ ବିଦାୟ ଦେଲେ । ବାବାଜୀ କିଛି ଦୂର ଯାଇଥିବାବେଳେ ହଠାତ୍ ପୁଣି ଫେରିଆସିଲେ । ଗାଁଲୋକଙ୍କ ସାମ୍ନାରେ ଆସି ନିଜ ଜଟାରେ ଅଟକିଥିବା ଏକ ଛୋଟ କୁଟା ଦେଖାଇ କହିଲେ- ଅଜାଣତରେ ଏହି କୁଟାଟି ମୋ ଜଟାରେ ଅଟକିଯାଇଥିଲା । ଏହା ଆପଣମାନଙ୍କ ଗାଁର ସମ୍ପତ୍ତି । ଏହାକୁ ନିଜ ପାଖରେ ରଖିବା ମୋ ପାଇଁ ଉଚିତ ନୁହେଁ । ସେଥିପାଇଁ ଏହାକୁ ଫେରାଇଦେବାକୁ ପୁଣି ଆସିଛି । ଏବେ ମୋତେ ବିଦାୟ ଦିଅନ୍ତୁ । ବାବାଜୀଙ୍କର ଏହି ସଚ୍ଚୋଟପଣ ଦେଖି ଗାଁଲୋକ ଶ୍ରଦ୍ଧାରେ ଅଭିଭୂତ ହୋଇଗଲେ । ସମସ୍ତଙ୍କ ମୁହଁରୁ ଏକସଙ୍ଗରେ ବାହାରିଲା- 'ସାଧୁ ! ସାଧୁ !' ଚାରିଆଡ଼େ ତାଙ୍କର ପ୍ରଶଂସା ହେବାକୁ ଲାଗିଲା । ତା'ପରେ ବାବାଜୀ ନିଜ ଶିଷ୍ୟମାନଙ୍କ ସହିତ ସେଠାରୁ ଚାଲିଗଲେ । ଏପଟେ ବାବାଜୀ ଗାଁ ଛାଡ଼ିଯିବା ପରେ ସେହି ସନ୍ଧ୍ୟାରେ ଗାଁଲୋକ ନିଜ ନିଜର ସୁନା-ରୁପା ନେବାକୁ ତାଙ୍କ କୁଟୀରକୁ ପହଂଚିଲେ । ସେମାନେ ବାବାଜୀଙ୍କ ଆସନ ତଳର ମାଟି ଖୋଳିବା ପରେ ସେଠାରେ କେବଳ ପଥର, ଗୋଡ଼ି ଓ ମାଟି ହିଁ ମିଳିଲା । ସୁନା-ରୁପା ସବୁ ଗଲା କୁଆଡ଼େ ? ସେତେବେଳେ ଲୋକମାନେ ବୁଝିପାରିଲେ ଯେ ବାବାଜୀ କୌଣସି ସିଦ୍ଧପୁରୁଷ ନୁହେଁ, ବରଂ ଜଣେ ଧୂର୍ତ୍ତ କପଟୀ ମଣିଷ । କାହାଣୀର ସମାପ୍ତି ଏଇଠି ହୁଏ । ଆଜି ମଧ୍ୟ ପ୍ରାୟ ଷାଠିଏ ବର୍ଷ ପରେ ଏହି ଗୀତ ମୋର ମନ ଓ ମସ୍ତିଷ୍କରେ ଏତେ ସଜୀବ ଭାବରେ କାହିଁକି ବଚିଂ ରହିଛି ? ଏହାର କାରଣ କ'ଣ ପାଠର ବିଷୟବସ୍ତୁ ଥିଲା, ନା ଶିକ୍ଷକଙ୍କର ପଢ଼ାଇବାର ଶୈଳୀ ? ନା କି ନିଜେ ପଢ଼ି ତାହାର ଅର୍ଥ ବୁଝିବା ପାଇଁ ମୋର ପ୍ରୟାସ ବୋଧହୁଏ ଏହି ତିନିଟିର ସମନ୍ୱୟ ହିଁ ଏହି ସ୍ମୃତିକୁ ଅମର କରିଦେଇଛି । ଆଜିକାଲି ପାଠ୍ୟପୁସ୍ତକରେ ବୈଜ୍ଞାନିକ ଦୃଷ୍ଟିକୋଣ ବିକଶିତ କରିବା ପାଇଁ ବୈଜ୍ଞାନିକମାନଙ୍କ ଜୀବନୀ, କଦଳୀ ଚାଷ, ଦିଆସିଲି ପରି ବିଷୟଗୁଡ଼ିକୁ ସ୍ଥାନ ଦିଆଯାଉଛି । କିନ୍ତୁ ମୋର ମନେହୁଏ, ବୈଜ୍ଞାନିକ ଦୃଷ୍ଟିର ପ୍ରକୃତ ବିକାଶ କେବଳ ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟରୁ ହୁଏନାହିଁ । ଆମ ସମୟର 'ଜଟାର କୁଟା' ପରି କବିତା ଅନ୍ଧବିଶ୍ୱାସ, ଧର୍ମ ନାମରେ ପ୍ରଚାରିତ ଭ୍ରମ ଓ ଢଙ୍ଗକୁ ଯେପରି ତୀକ୍ଷ୍ଣ ଭାବରେ ଉନ୍ମୋଚନ କରିଥିଲା, ତାହା କୌଣସି ବୈଜ୍ଞାନିକ ପାଠଠାରୁ କମ୍ ପ୍ରଭାବଶାଳୀ ନଥିଲା । ସେତେବେଳେ ଏହି କାହାଣୀ କେବଳ ଜଣେ ଢାଙ୍ଗୀ ବାବାଜୀଙ୍କ କଥା ପରି ଲାଗୁଥିଲା । କିନ୍ତୁ ଆଜି ଜୀବନର ବ୍ୟାପକ ଅନୁଭବ ପରେ ଲାଗୁଛି, ଏପରି 'ବାବାଜୀ' କେବଳ ଧର୍ମ କ୍ଷେତ୍ରରେ ନୁହନ୍ତି । ଶାସନ, ରାଜନୀତି, ଶିକ୍ଷା ଓ ବ୍ୟବସାୟ, ପ୍ରତ୍ୟେକ କ୍ଷେତ୍ରରେ ଏମିତି ଲୋକଙ୍କୁ ଦେଖିବାକୁ ମିଳେ । ସେମାନେ ନିଜ 'ଜଟାର ତୃଣ' ଫେରାଇ ସାର୍ବଜନୀନ ଭାବରେ ସଚ୍ଚୋଟତା ଓ ସାଧୁତାର ପ୍ରଦର୍ଶନ କରନ୍ତି, କିନ୍ତୁ ପରଦା ପଛରେ ସମାଜ ଓ ଅର୍ଥନୀତିର ନିରନ୍ତର ଶୋଷଣ କରିଚାଲିଥାନ୍ତି । ଏହି ପାଠ ଆଜି ମଧ୍ୟ ଆମକୁ ସତର୍କ କରେ । ଯେତେବେଳେ କୌଣସି ବାବା, ସାଧୁ କିମ୍ବା ସ୍ୱୟଂଭୂ ମହାତ୍ମାଙ୍କୁ ଦେଖେ, ସେତେବେଳେ ସ୍ୱାଭାବିକ ଭାବରେ ମନ ତାଙ୍କୁ ଯୁକ୍ତିର କଷଟିରେ ପରଖିବାକୁ ଚେଷ୍ଟାକରେ । ସାଧୁ ଯଦି ଅଛନ୍ତି, ସେମାନେ ମଧ୍ୟ ମଣିଷଲୌକିକ । ଯେତେବେଳେ ସେମାନଙ୍କୁ ଅଲୌକିକ ବୋଲି ମନେ କରାଯାଏ, ସେହିଠାରୁ ଭ୍ରମର ଜନ୍ମହୁଏ ଏବଂ ସେହି ଭ୍ରମରୁ ସାମାଜିକ ବିଘଟନର ଆରମ୍ଭ ହୁଏ । ଏହି ପ୍ରସଙ୍ଗକୁ ମନେ ପକାଇବାର ଉଦ୍ଦେଶ୍ୟ କେବଳ

# ରେଭନ୍ୟୁ ଟିକେଟ୍




ରେଭନ୍ୟୁ ଟିକେଟ୍ର ଦୁଇଟି ପ୍ରମୁଖ ପୃଷ୍ଠଭୂମି ରହିଛି—ଗୋଟିଏ ଆଇନଗତ ଓ ଐତିହାସିକ ସୃଷ୍ଟି, ୧୬୨୪ ମସିହାରେ ନେଦରଲ୍ୟାଣ୍ଡସରେ ପ୍ରଥମ କରିସରକାରୀ ରାଜସ୍ୱ ସଂଗ୍ରହ ପାଇଁ 'ଷ୍ଟାମ୍ପ ଡ୍ୟୁଟି' ବ୍ୟବସ୍ଥା ଆରମ୍ଭ ହୋଇଥିଲା । ପରବର୍ତ୍ତୀ ସମୟରେ ୧୯ଶ ଶତାବ୍ଦୀରେ (୧୮୨୪-୧୮୪୦ ମଧ୍ୟରେ) ବ୍ରିଟେନ ରେ ଆନୁଷ୍ଠାନିକ ଭାବେ ରସିଦ ଓ କାରବାର ପାଇଁ ରେଭନ୍ୟୁ ଟିକେଟ୍ ପ୍ରଚଳିତ ହେଲା । ନଗଦ ଟଙ୍କା ଗ୍ରହଣ କରିବା ବା କୌଣସି ଚୁକ୍ତିପତ୍ର/ ରସିଦକୁ ଆଇନଗତ ଭାବେ ବୈଧ ସାବ୍ୟସ୍ତ କରିବା ପାଇଁ । ବ୍ୟବସାୟିକ ଓ ନଗଦ କାରବାରରୁ ସରକାର ସୂକ୍ଷ୍ମ କର ଆଦାୟ କରିବାର ଏକ ସହଜ ମାଧ୍ୟମ । ଟିକେଟ୍ ଉପରେ ଦସ୍ତଖତ ବା ସିଲ୍ ମାରିବା ଦ୍ୱାରା କାରବାରଟି ଭବିଷ୍ୟତ ପାଇଁ ଅଦାଲତରେ ଏକ ପୋଖତ ପ୍ରମାଣ ଭାବେ ଗ୍ରହଣୀୟ ହୋଇଥାଏ । ବର୍ତ୍ତମାନର ଡିଜିଟାଲ୍ ଯୁଗରେ ରେଭନ୍ୟୁ ଟିକେଟ୍ର ବ୍ୟବହାର ବହୁପରିମାଣରେ କମିଯାଇଛି, କିନ୍ତୁ ଏହା ସମ୍ପୂର୍ଣ୍ଣଭାବେ ବନ୍ଦ ହୋଇନାହିଁ । ଆଜି ବି ଆଇନଗତ ଭାବେ ଇଣ୍ଡିଆନ ଷ୍ଟାମ୍ପ ଆକ୍ଟ ଅନୁସାରେ ୫,୦୦୦ ଟଙ୍କାରୁ ଅଧିକ ନଗଦ ନେଣଦେଣ କିମ୍ବା ଗ୍ରହଣ କଲେ ରସିଦ ଉପରେ ୧ ଟଙ୍କାର ରେଭନ୍ୟୁ ଟିକେଟ୍ ଲଗାଇ ଦସ୍ତଖତ କରିବା ଆବଶ୍ୟକ ହୋଇଥାଏ । ବ୍ୟାଙ୍କ, ସରକାରୀ ଦେୟ ଏବଂ ବ୍ୟବସାୟିକ କ୍ଷେତ୍ରରେ ୟୁପିଆଇ , ଏନଇଏଫଟି , ଆରଟିଜିଏସ, ଓ ଅନଲାଇନଇ ଷ୍ଟାମ୍ପ / ଇ ଦସ୍ତଖତ ର ବ୍ୟବହାର ବୃଦ୍ଧି ପାଇବା ଯୋଗୁଁ କାଗଜ ରେଭନ୍ୟୁ ଟିକେଟର ଆବଶ୍ୟକତା ପ୍ରାୟ ଶେଷ ହୋଇଯାଇଛି । ସ୍ଥାନୀୟ ସ୍ତରରେ ହାତପାଣ୍ଠି ଉଠାଣ, ବ୍ୟକ୍ତିଗତ ଋଣ ପ୍ରମାଣପତ୍ର, ଘରଭଡ଼ା ରସିଦ୍, କିମ୍ବା କେତେକ ବେସରକାରୀ ସଂସ୍ଥାରେ ନଗଦ ଦରମା ଗ୍ରହଣ ସମୟରେ ଏବେ ବି ରେଭନ୍ୟୁ ଟିକେଟ୍ ଆବଶ୍ୟକ ପଡୁଛି । ଡିଜିଟାଲ୍ କାରବାର ଯୋଗୁଁ ଏହାର ନିୟମିତ ଆବଶ୍ୟକତା କମିଯାଇଥିଲେ ମଧ୍ୟ ନଗଦ କାରବାରର ଆଇନଗତ ପ୍ରମାଣ ପାଇଁ ଏହା ଆଜି ବି କାର୍ଯ୍ୟକାରୀ ଅଛି । ଭାରତରେ ରେଭନ୍ୟୁ ଟିକେଟର ପ୍ରଚଳନ, ଶାସନ କାଳରେଆରମ୍ଭ ହୋଇଥିଲା , ଭାରତରେ ଯେତେବେଳେ ପ୍ରଥମ କରି ସ୍ୱତନ୍ତ୍ର ରେଭନ୍ୟୁ ଟିକେଟ୍ ଆସିଲା, ସେତେବେଳେ ଏହାର ମୂଲ୍ୟ ୧ ଅଣା ଥିଲା । ସେତେବେଳେ ୧ ଟଙ୍କା = ୧୬ ଅଣା, ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଏବଂ ପରବର୍ତ୍ତୀ ସମୟରେ ବ୍ରିଟିଶ୍ ସରକାର ଭାରତର ବ୍ୟବସାୟୀ ଓ ନାଗରିକଙ୍କ ନଗଦ ନେଣଦେଣରୁ 'ଷ୍ଟାମ୍ପ ଡ୍ୟୁଟି' ଆଦାୟ କରିବା ପାଇଁ ୧୮୬୦ ମସିହା ଆଡ଼କୁ ଏହି ୧ ଅଣା ର ଟିକେଟ୍ ବାଧ୍ୟତାମୂଳକ କରିଥିଲେ । ଭାରତୀୟ ମୁଦ୍ରା ବ୍ୟବସ୍ଥାରେ ପରିବର୍ତ୍ତନ ଏବଂ ମୁଦ୍ରାସ୍ଫୀତି ଅନୁସାରେ ଏହାର ମୂଲ୍ୟ ସମୟ ସହ ବୃଦ୍ଧି ପାଇଛି: ଭାରତରେ ଅଣା ବ୍ୟବସ୍ଥା ହଟି 'ପଇସା' ପ୍ରଚଳିତ ହେବା ପରେ, ୧ ଅଣା ର ଟିକେଟ୍ ବଦଳରେ ୭ ପଇସା ଓ ପରେ ୧୦ ପଇସା ର ରେଭନ୍ୟୁ ଟିକେଟ୍ ପ୍ରଚଳନ କରାଗଲା । ୧୯୭୦-୮୦ ଦଶକରେ ନଗଦ କାରବାରର ପରିମାଣ ବଢ଼ିବାରୁ ଏହାର ମୂଲ୍ୟ ବୃଦ୍ଧିପାଇ ୨୦ ପଇସା ହେଲା । ୧୯୯୪ ପରବର୍ତ୍ତୀ ସମୟରେ ଏହାର ମୂଲ୍ୟ ବଢ଼ାଯାଇ ୫୦ ପଇସା କରାଗଲା । ୨୦୦୪ ମସିହାରେ କେନ୍ଦ୍ର ସରକାର ଇଣ୍ଡିଆନ ଷ୍ଟାମ୍ପ ଆକ୍ଟ ରେ ସଂଶୋଧନ ଆଣି ରେଭନ୍ୟୁ ଟିକେଟର ମୂଲ୍ୟକୁ ୧ ଟଙ୍କା (୧୦୦ ପଇସା) କୁ ବୃଦ୍ଧି କଲେ । ଆଜିର ସମୟରେ ଯଦି କୌଣସି ବ୍ୟକ୍ତି ୫,୦୦୦ ଟଙ୍କାରୁ ଅଧିକ ନଗଦ ନେଣଦେଣ କରନ୍ତି, ତେବେ ସେହି ରସିଦ୍ ଉପରେ ୧ ଟଙ୍କାର ରେଭନ୍ୟୁ ଟିକେଟ୍ ଲଗାଇ ଦସ୍ତଖତ କରିବା ଆଇନଗତ ଭାବେ ବାଧ୍ୟତାମୂଳକ । ସଂକ୍ଷେପରେ, ଯେଉଁ ଟିକେଟ୍ ଦିନେ ୧ ଅଣାରୁ ଆରମ୍ଭ ହୋଇଥିଲା, ତାହା ଆଜି ବୃଦ୍ଧିପାଇ ୧ ଟଙ୍କା ରେ ପହଂଚିଛି । ଭାରତରେ ୧ ପଇସା, ୫ ପଇସା, ୧୦ ପଇସା, ୫୦ ପଇସା ଏବଂ ୧୦୦ ପଇସା (୧ ଟଙ୍କା) ମୂଲ୍ୟର ରେଭନ୍ୟୁ ଟିକେଟ୍ ବିଭିନ୍ନ ସମୟରେ ପ୍ରଚଳିତ ହୋଇଥିଲା । ୧୯୫୭ ମସିହାରେ ଭାରତ ସରକାର 'ଦଶମିକ ମୁଦ୍ରା ବ୍ୟବସ୍ଥା' ଆରମ୍ଭ କରିବା ପରେ, ପୁରୁଣା ଅଣା-ପ ଇସା ବ୍ୟବସ୍ଥା ହଟିପଇସା ବ୍ୟବସ୍ଥା ଲାଗୁ ହେଲା । ଏହା ପରେ ରେଭନ୍ୟୁ ଟିକେଟ୍ ଗୁଡ଼ିକ ମଧ୍ୟ ପଇସା ଆକାରରେ ଜାରି କରାଯାଇଥିଲା । ଟିକେଟ୍ର ମୂଲ୍ୟ ୧ ପଇସା ୧୯୫୭ - ୧୯୬୦ ଦଶକରେ ଦଶମିକ ବ୍ୟବସ୍ଥା ଲାଗୁ ହେବା ସମୟରେ ଖୁବ୍ ଛୋଟ ପରିମାଣର କାରବାର, ସରକାରୀ ଦସ୍ତାବେଜ୍ ଓ ଆବେଦନ ଶୁଳ୍କ ପାଇଁ ପ୍ରଚଳନ କରାଯାଇଥିଲା । ୫ ପଇସା ୧୯୬୦ - ୧୯୭୦ ଦଶକ ସାଧାରଣ ନଗଦ ରସିଦ୍, ଆଫିଡେଭିଟ୍, ସ୍ୱଳ୍ପ ମୂଲ୍ୟର ଚୁକ୍ତିପତ୍ର ଓ ସରକାରୀ ଆବେଦନ ଫର୍ମରେ ଶୁଳ୍କ ବାବଦରେ ଲଗାଯାଉଥିଲା । ୧୦ ପଇସା ୧୯୬୦ ରୁ ୧୯୮୦ ଦଶକ ନଗଦ ଟଙ୍କା ଗ୍ରହଣ ରସିଦ୍ ଏବଂ ସାଧାରଣ ଆଇନଗତ କାଗଜପତ୍ର ପାଇଁ ଦୀର୍ଘଦିନ ଧରି ମୁଖ୍ୟ ରେଭନ୍ୟୁ ଟିକେଟ୍ ଭାବେ ବ୍ୟବହୃତ ହେଉଥିଲା । ୧୯୯୪ ରୁ ୨୦୦୪ ମୁଦ୍ରାସ୍ଫୀତି ଯୋଗୁଁ ନଗଦ କାରବାରର ମୂଲ୍ୟ ବଢ଼ିବାରୁ କେନ୍ଦ୍ର ସରକାର ଇଣ୍ଡିଆନ ଷ୍ଟାମ୍ପ ଆକ୍ଟ ରେ ସଂଶୋଧନ କରି ୧୦/୨୦ ପଇସା ବଦଳରେ ୫୦ ପଇସାର ଟିକେଟ୍ ବାଧ୍ୟତାମୂଳକ କରିଥିଲେ । ୧୦୦ ପଇସା (୧ ଟଙ୍କା) ୨୦୦୪ ରୁ ଆଜି ପର୍ଯ୍ୟନ୍ତ ୨୦୦୪ ମସିହାରେ ସରକାର ୫୦ ପଇସା ଟିକେଟକୁ ବନ୍ଦ କରି ୧ ଟଙ୍କା (୧୦୦ ପଇସା)ର ରେଭନ୍ୟୁ ଟିକେଟ୍ ଲାଗୁ କଲେ । ଆଜି ବି ୫,୦୦୦ ଟଙ୍କାରୁ ଅଧିକ ନଗଦ ନେଣଦେଣ ପାଇଁ ଏହି ୧ ଟଙ୍କାର ଟିକେଟ୍ ବ୍ୟବହୃତ ହେଉଛି । ୧୯୫୭ ରୁ ୧୯୬୪ ମସିହା ମଧ୍ୟରେ ଆସିଥିବା ପ୍ରଥମ ପିଢ଼ିର ଟିକେଟ୍ ଗୁଡ଼ିକରେ 'ପଇସା' ବଦଳରେ 'ନୟେ ପୈସେ ' ଲେଖାଯାଉଥିଲା, ୧୯୬୪ ମସିହା ପରେ ' ନୟେ ' ଶବ୍ଦ ହଟାଇ କେବଳ 'ପଇସା' ଲେଖାଗଲା । ବର୍ତ୍ତମାନ ୫୦ ପଇସା କିମ୍ବା ତା'ଠାରୁ କମ୍ ମୂଲ୍ୟର ସମସ୍ତ ରେଭନ୍ୟୁ ଟିକେଟ୍ ଅପ୍ରଚଳିତ ହୋଇସାରିଛି । କେବଳ ୧ ଟଙ୍କାର ରେଭନ୍ୟୁ ଟିକେଟ୍ ହିଁ ଆଇନଗତ ଭାବେ ଭାରତରେ କାର୍ଯ୍ୟକାରୀ ଅଛି । **(ଏ ଆର ଖାନ , କେନ୍ଦୁଝର )**

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin :769003







# ସମ୍ବଲପୁର-ବିଶାଖାପାଟଣା ମଧ୍ୟରେ ନୂତନ ବସ୍ ସେବା ଶୁଭାରମ୍ଭ

ସମ୍ବଲପୁର,୬/୮(ନି/ପ୍ର): ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଅଧିକାଂଶ ଲୋକେ ସୀମାନ୍ତ ଆନ୍ଧ୍ରପ୍ରଦେଶ ଯା-ଆସ କରିଥାଆନ୍ତି । ଦାଦନ ଶ୍ରମିକ ଭାବେ କାର୍ଯ୍ୟ ଅନ୍ୱେଷଣ, ନିଯୋଜିତ ଠାରୁ ଆରମ୍ଭ କରି ରୋଗୀ ଚିକିତ୍ସା ଏପରିକି ବ୍ୟବସାୟୀକ ସମ୍ପର୍କ ମଧ୍ୟ ରହି ଆସିଛି । ଫଳରେ ଅଧିକାଂଶ ଲୋକେ କେବଳ ଟ୍ରେନ୍ ଉପରେ ନିର୍ଭର କରି ଆସୁଥିଲେ । ଯାତ୍ରୀମାନଙ୍କ ଗମନାଗମନ ସୁବିଧାକୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ସମ୍ବଲପୁର ଡିଭିଜନ ପକ୍ଷରୁ ସମ୍ବଲପୁର ଏବଂ ବିଶାଖାପାଟଣା ମଧ୍ୟରେ ଏକ ନୂତନ ଦୈନିକ ସିଧାସଳଖ ବସ୍ ସେବା ଆରମ୍ଭ କରାଯାଇଛି । ଆନ୍ତଃରାଜ୍ୟ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହିତ ଯାତ୍ରୀମାନଙ୍କୁ ସୁରକ୍ଷିତ, ଆରାମ ଦାୟକ ପରିବହନ ସେବା ଯୋଗାଇ ଦେବା ଏହି ନୂତନ ପଦକ୍ଷେପର ମୂଳ ଲକ୍ଷ୍ୟ । ଏହି ବସସେବା ପ୍ରତିଦିନ ଭବାନୀପାଟଣା ଏବଂ ପାର୍ବତୀପୁରମ୍ ଦେଇ ଯାତାୟାତ କରିବ । ଏହି ବସ୍ ସମ୍ବଲପୁରରୁ ସନ୍ଧ୍ୟା ୭ ଟା ବେଳେ ଛାଡ଼ି ବିଶାଖାପାଟଣାରେ ସକାଳ ୬ ଟା ୨୫ ମିନିଟ୍ ରେ ପହଂଚିବ । ଏହି ବସ୍ ବରଗଡ଼ରେ ରାତି ୮ଟା ୦୪ ମିନିଟ୍, ବରପାଲିରେ ରାତି ୦୮ଟା ୨୧ ମିନିଟ୍, ବଲାଙ୍ଗୀରରେ ରାତି ୧୦ଟା ୧୩ ମିନିଟ୍, କେସିଙ୍ଗାରେ ରାତି ୧୧ଟା ୦୭ ମିନିଟ୍, ଭବାନୀପାଟଣାରେ ରାତି ୧୧ଟା ୫୯ ମିନିଟ୍, ଅମ୍ବାଦୋଳାରେ ରାତି ୧୨ଟା ୪୩ ମିନିଟ୍, ମୁନିଗୁଡ଼ାରେ ରାତି ଗୋଟାଏ ୧୮ ମିନିଟ୍, ରାୟଗଡ଼ାରେ ରାତି ୦୨ଟା ୩୩ ମିନିଟ୍, ସୀମାନ୍ତ ପାର୍ବତୀ ପୁରମରେ ରାତି ୦୩ଟା ୩୧ ମିନିଟ୍ ଏବଂ ବିଜୟନଗରମରେ ଭୋର ୫ଟା ୨୩ ମିନିଟ୍ ହୋଇ ବିଶାଖାପାଟଣାରେ ସକାଳ ୬ ଟା୨୫ ମିନିଟରେ ପହଂଚିବ । ସେହିପରି ଫେରିବା ବସ୍ ସମୟ ସାରଣୀ ଅନୁଯାୟୀ ଏହି ବସ୍ ବିଶାଖାପାଟଣାରୁ ସନ୍ଧ୍ୟା ୭ଟା ୦୫ ମିନିଟରେ ଛାଡି ପରଦିନ ଭୋର ୦୬ ଟା ୨୫ ମିନିଟରେ ପହଂଚିବ । ରହଣି ସମୟ ସୂଚୀକା ଅନୁଯାୟୀ ବିଜୟନଗରମ୍ ରାତି ୦୮ଟା ୩୨ ମିନିଟ୍, ସୀମାନ୍ତ ପାର୍ବତୀପୁରମ୍ ରାତି ୦୯ଟା ୫୯ ମିନିଟ୍, ରାୟଗଡ଼ା ରାତି ୧୧ଟା ୦୧ ମିନିଟ୍, ମୁନିଗୁଡ଼ାରେ ରାତି ୧୨ଟା ୧୨ ମିନିଟ୍, ଅମ୍ବାଦୋଳାରେ ରାତି ୧୨ ଟା ୪୫ ମିନିଟ୍, ଭବାନୀପାଟଣାରେ ରାତି ଗୋଟାଏ ୪୬ ମିନିଟ୍, କେସିଙ୍ଗାରେ ରାତି ୦୨ଟା ୨୨ ମିନିଟ୍, ବଲାଙ୍ଗୀରରେ ଭୋର ୦୪ଟା ୨୫ ମିନିଟ୍, ବରପାଲିରେ ଭୋର ୦୫ଟା ୧୦ ମିନିଟ୍, ଏବଂ ବରଗଡ଼ରେ ଭୋର ୦୫ ଟା ୪୧ ମିନିଟ୍ ଦେଇ ସମ୍ବଲପୁର ଯାତ୍ରା କରିବ । ଏହି ବସ ଚଳାଚଳ ସୁବିଧା ଦ୍ୱାରା ଦୁଇ ପ୍ରମୁଖ ସହର ମଧ୍ୟରେ ଯାତ୍ରା କରୁଥିବା ବ୍ୟବସାୟୀ, ଛାତ୍ରଛାତ୍ରୀ ତଥା ସାଧାରଣ ଯାତ୍ରୀମାନେ ବିଶେଷ ଭାବେ ଉପକୃତ ହୋଇ ପାରିବେ । ଟିକେଟ୍ ବୁକିଂ ଏବଂ ଅଧିକ ସୂଚନା ପାଇଁ ଯାତ୍ରୀମାନେ ସିଧାସଳଖ ଓଏସ୍ଆରଟିସିର ୱେବସାଇଟ୍ କିମ୍ବା ଆଧିକାରୀକ ମୋବାଇଲ୍ ଆପ୍ ବ୍ୟବହାର କରିପାରିବେ । ଆବଶ୍ୟକ ସ୍ଥଳେ ନିକଟସ୍ଥ ବସ୍ ଷ୍ଟାଣ୍ଡରେ ଯୋଗାଯୋଗ କରିପାରିବେ ବୋଲି ସୂଚନା ମିଳିଛି । ସର୍ବସାଧାରଣଙ୍କ ଅବଗତି ସମେତ ଏହି ନୂତନ ବସସେବାର ସୁଯୋଗ ନେବାକୁ ଓଏସ୍ଆରଟିସି ପକ୍ଷରୁ ବିଭିନ୍ନ ଗଣମାଧ୍ୟମ ମାଧ୍ୟମରେ ନିବେଦନ କରାଯାଇଛି ।

# ଶ୍ରେୟ ନେବାକୁ ନେଇ ରୋହିଦାସପଡ଼ାରେ ଉତେଜନା
## ବୁଝାମଣା ପରେ ସ୍ୱାଭାବିକ ହେଲା ପରିସ୍ଥିତି



ଝାରସୁଗୁଡ଼ା,୬/୮(ନି/ପ୍ର): ଝାରସୁଗୁଡ଼ା ପୌରପରିଷଦ ଅନ୍ତର୍ଗତ ୧ ନମ୍ବର ୱାର୍ଡ ସରବାହାଲ ରୋହିଦାସପଡ଼ାରେ ମଙ୍ଗଳବାର ଉନ୍ନୟନମୂଳକ କାର୍ଯ୍ୟର ଶ୍ରେୟକୁ କେନ୍ଦ୍ର କରି କିଛି ସମୟ ପାଇଁ ଉତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା । ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ ଓ ପୋଖରୀ ସଫେଇ କାର୍ଯ୍ୟକୁ ନେଇ ସ୍ଥାନୀୟ ଅଂଚଳବାସୀ ଏବଂ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ପରେ ବୁଝାମଣା ହେବା ସହ ବିଧାୟକଙ୍କ ଆଶ୍ୱାସନା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା । ସୂଚନା ଅନୁଯାୟୀ, ସରବାହାଲ ରୋହିଦାସପଡ଼ାରେ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ ଓ ପୋଖରୀ ସଫେଇ ପାଇଁ ଅଂଚଳବାସୀ ଦୀର୍ଘଦିନ ଧରି ଦାବି କରିଆସୁଥିଲେ । ସୋମବାର ପୌରାଧକ୍ଷା ରାନୀ ହାତୀ ଏହି କାର୍ଯ୍ୟର ଉଦ୍ଘାଟନ କରିଥିବା ବେଳେ ମଙ୍ଗଳବାର ସକାଳେ ବିଧାୟକ ଟଙ୍କଧର ତ୍ରିପାଠୀ ଘଟଣାସ୍ଥଳକୁ ପହଂଚି ପୁନର୍ବାର ଉଦ୍ଘାଟନ କରିବାକୁ ଉଦ୍ୟମ କରିଥିଲେ । ଏହାକୁ ନେଇ କିଛି ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଥିଲେ । ଅଭିଯୋଗ ଅନୁସାରେ, ସାମାଜିକ ଗଣମାଧ୍ୟମରେ ଉକ୍ତ କାର୍ଯ୍ୟକୁ ବ୍ୟକ୍ତିଗତ ପ୍ରଚେଷ୍ଟା ବୋଲି ପ୍ରଚାର କରାଯିବା ସହ ବିକାଶ କାର୍ଯ୍ୟରେ ବିଳମ୍ବକୁ ନେଇ କିଛି ବ୍ୟକ୍ତି ବିଧାୟକଙ୍କ ଗାଡ଼ି ସମ୍ମୁଖରେ ବିରୋଧ ପ୍ରଦର୍ଶନ କରିଥିଲେ । ସେମାନେ 'କ୍ରେଡିଟ୍ ନେତା ମୁର୍ଦ୍ଦାବାଦ' ସହ ସରକାର ବିରୋଧୀ ସ୍ଲୋଗାନ ଦେଇ ନିଜ ଅସନ୍ତୋଷ ବ୍ୟକ୍ତ କରିଥିଲେ । ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଧାୟକ ଟଙ୍କଧର ତ୍ରିପାଠୀ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ । ଟେଣ୍ଡର ପ୍ରକ୍ରିୟା ଓ ଆଇନଗତ କାରଣରୁ କାର୍ଯ୍ୟରେ କିଛି ବିଳମ୍ବ ଘଟିଥିବା ସେ ସ୍ପଷ୍ଟ କରିବା ସହ ପୋଖରୀ ସଫେଇ ଏବଂ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ବିଧାୟକଙ୍କ ଆଶ୍ୱାସନା ଓ ଉଭୟ ପକ୍ଷଙ୍କ ମଧ୍ୟରେ ଆପୋଷ ବୁଝାମଣା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା । ତେବେ ଘଟଣା ସମ୍ପର୍କରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଖବର ଲେଖାହେବା ସୁଦ୍ଧା କୌଣସି ଆଧିକାରିକ ପ୍ରତିକ୍ରିୟା ମିଳିନଥିଲା ।

# ସାଳନ୍ଦୀ ଓ ବୈତରଣୀରେ ହେବ ସୁଦୃଢ଼ ନଦୀବନ୍ଧ ଯୋଜନା



ଭଦ୍ରକ/ତିହିଡ଼ି,୬/୮(ନି/ପ୍ର): ସାଳନ୍ଦୀ ଓ ବୈତରଣୀ ନଦୀର ପ୍ରଳୟଙ୍କରୀ ବନ୍ୟାରେ ଭଦ୍ରକ ଜିଲ୍ଲାର ୬ଟି ବ୍ଲକର ବ୍ୟାପକ ବ୍ୟାପକ କ୍ଷୟ କ୍ଷତି ହୋଇଥିବା ବେଳେ ଲୋକମାନେ ଏବେବି ଜଳବନ୍ଦିରେ ରହୁଛନ୍ତି । ଆଜି ଭଦ୍ରକର ବନ୍ୟା ଅଂଚଳ ବୁଲି ବିପନ୍ନଙ୍କ ସ୍ଥିତି ଅନୁଧ୍ୟାନ କରିବାକୁ ଭଦ୍ରକରେ ପହଚିଂ ଥିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଶ୍ରୀମତୀ ପରିଡ଼ା ତିହିଡ଼ି ବ୍ଲକ୍ ଗସ୍ତ କରିଥିଲେ । ବିପନ୍ନଙ୍କୁ ଭେଟିଥିଲେ । ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଲେ । ବନ୍ୟାରେ ଉଜୁଡ଼ି ଯାଇଥିବା ଚାଷ ଓ ପନିପରିବା ଚାଷୀଙ୍କୁ ଯୋଗାଇ ଦିଆଯିବ ସରକାରୀ ସହାୟତା ବୋଲି କହିଲେ । ଗୋବିନ୍ଦପୁର ଓ ବାରସର ଗ୍ରାମ ପଚାଂୟତର ବନ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଥିଲେ । ଜନସାଧାରଣମାନଙ୍କ ସହ ଆଲୋଚନା କରିଥିଲେ । ମନ୍ତ୍ରୀଙ୍କର ଏହି ଗସ୍ତ ସମୟରେ ତାଙ୍କ ସହ ଥିଲେ ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ତିହିଡ଼ି ଗୋଷ୍ଠୀ ଉନ୍ନୟନ ଅଧିକାରୀ, ମେଡ଼ିକାଲ ଟିମ୍ ସହ ଅନ୍ୟ ସବୁ ବିଭାଗର ଅଧିକାରୀ । ଲୋକଙ୍କ ସମସ୍ୟା ବୁଝିବା ପରେ ଶ୍ରୀମତୀ ପରିଡ଼ା ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଫେରି ସେଠାରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଥିବା ବେଳେ ଜିଲ୍ଲାର ବନ୍ୟା କ୍ଷୟକ୍ଷତିର ଆକଳନ କରିଥିଲେ । ବୈଠକ ପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ଗଣମାଧ୍ୟମ ଆଗରେ ବନ୍ୟା ସମ୍ପର୍କିତ ତଥ୍ୟ ରଖିଥିଲେ । ଜିଲ୍ଲାର ୬ଟି ବ୍ଲକ ଧାମନଗର, ତିହିଡ଼ି, ଚାନ୍ଦବାଲି, ଭଣ୍ଡାରୀପୋଖରୀ, ଭଦ୍ରକ ଓ ବାସୁଦେବପୁର ବ୍ଲକର ୧୨୬ ପଚାଂୟତ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଥବା ବେଳେ ୩ ସହରାଂଚଳ ଭଦ୍ରକ, ଧାମନଗର ଓ ଧୁଷୁରୀ ଏନ୍ଏସି ଅଂଚଳ କ୍ଷତିଗ୍ରସ୍ତ ହୋଇଛି । ଜିଲ୍ଲାରେ ମୋଟ ୫୦୩ଟି ଗାଁର ଲୋକେ ବନ୍ୟାରେ ପ୍ରଭାବିତ ହୋଇଛନ୍ତି । ବିପନ୍ନଙ୍କ ପାଇଁ ୩୪୬ଟି କେନ୍ଦ୍ରରେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଥିଲା । ବନ୍ୟା ଛାଡ଼ି ଯିବା ପରେ ସେହିସବୁ ବିପନ୍ନ ଲୋକମାନେ ନିଜ ନିଜ ଘରକୁ ଫେରି ଯାଇଛନ୍ତି । ଏବେ ଜିଲ୍ଲାରେ ଆଉ ୨୯ ଟି କେନ୍ଦ୍ରରେ ରନ୍ଧା ଖାଦ୍ୟ ଗୋଗାଇ ଦିଆଯାଉଛି ବୋଲି ଉପମୁଖ୍ୟ ମନ୍ତ୍ରୀ ପ୍ରକାଶ କରିଥିଲେ । ବିପନ୍ନଙ୍କ ପାଇଁ ରିଲିଫ ବ୍ୟବସ୍ଥାକୁ ତ୍ୱରିତ ପ୍ରଦାନ କରାଯିବା ଉପରେ ପଦକ୍ଷେପ ନିଆଯାଉଛି । ଯେଉଁମାନଙ୍କ ଘର କ୍ଷତି ହୋଇଛି । ସେମାନଙ୍କୁ ଗୃହ ନିର୍ମାଣ ପାଇଁ ଅନୁଦାନ ଯୋଗାଇ ଦିଆଯିବ । ଏବେ ସେମାନଙ୍କୁ ପଲିଥିନ ଦିଆଯିବ । ରାସ୍ତା ଘାଟର ମରାମତି ଯଥା ଶୀଘ୍ର ଆରମ୍ଭ ହେବ । ଯେଉଁ ସବୁ ଜାଗାରେ ନଳକୂପ ବନ୍ୟାରେ ପ୍ରଭାବିତ ହୋଇଯାଇଛି । ସେହି ଅଂଚଳରେ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଉଛି । ଜିଲ୍ଲାରେ ଧାନ ଓ ପାଣି ପରିବା ଚାଷୀମାନେ ବିଶେଷ ଭାବରେ କ୍ଷତି ସହିଥିବା ବେଳେ ସେମାନଙ୍କୁ ତଳି ପକାଇବା ପାଇଁ ସରକାରୀ ବିହନ ଯୋଗାଇ ଦିଆଯାଇଥିବା ସହ ଉଦ୍ୟାନ ଓ କୃଷି କାର୍ଯ୍ୟ ପାଇଁ ମଞ୍ଜି ଯୋଗାଣ କରାଯିବ । କ୍ଷତି ଗ୍ରସ୍ତ ଚାଷୀଙ୍କୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦିଆଯିବ । ଆସନ୍ତା ୭ ଦିନ ଭିତରେ ଚାଷୀଙ୍କୁ ନୂଆ ବିହନ ଯୋଗାଣ କରାଯିବ । ବନ୍ୟା ଅଂଚଳରେ ଶିକ୍ଷା ବ୍ୟବସ୍ଥାର ସୁଧାର ଆଣିବା ପାଇଁ ଅଙ୍ଗନ୍‌ବାଡ଼ି କେନ୍ଦ୍ରଗୁଡ଼ିକୁ ସଫା କରାଯିବା ପରେ କେନ୍ଦ୍ର ଚାଲି କରାଯିବ । ଭଦ୍ରକ ଜିଲ୍ଲାରେ ବାରମ୍ବାର ବନ୍ୟା ଆସୁଥିବା କାରଣରୁ ସୁଦୃଢ଼ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ କରିବାକୁ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ କହିଲେ, ସାଳନ୍ଦୀ ଓ ବୈତରଣୀରେ ସୁଦୃଢ଼ ଅନ୍ଧିବନ୍ଧ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ।

# ଆସାମ ବନ୍ୟା ପୀଡ଼ିତଙ୍କ ପାଇଁ ମାଆ ମେଡିକେୟାର ପକ୍ଷରୁ ୬୫ ହଜାର ଟଙ୍କାର ଔଷଧ ଦାନ

ଝାରସୁଗୁଡ଼ା,୬/୮(ନି/ପ୍ର): ଆସାମରେ ସୃଷ୍ଟି ହୋଇଥିବା ଭୟାବହ ବନ୍ୟାରେ ପ୍ରଭାବିତ ଲୋକଙ୍କ ସହାୟତା ପାଇଁ ଝାରସୁଗୁଡ଼ା ଜିଲ୍ଲାର ଗୁମାଡେରାସ୍ଥିତ ମାଆ ମେଡିକେୟାର ପକ୍ଷରୁ ଏକ ମାନବିକ ପଦକ୍ଷେପ ନିଆଯାଇଛି । ବନ୍ୟା ପ୍ରଭାବିତ ଲୋକଙ୍କ ଚିକିତ୍ସା ସହାୟତା ନିମନ୍ତେ ମାଆ ମେଡିକେୟାର ପକ୍ଷରୁ ପ୍ରାୟ ୬୫ ହଜାର ଟଙ୍କା ମୂଲ୍ୟର ଆବଶ୍ୟକୀୟ ଔଷଧ ଜିଲ୍ଲା ପ୍ରଶାସନ, ଝାରସୁଗୁଡ଼ାଙ୍କ ମାଧ୍ୟମରେ ଦାନ କରାଯାଇଛି । ମାଆ ମେଡିକେୟାରର ମୁଖ୍ୟ ବସନ୍ତ କୁମାର ମହାନ୍ତି, ଗୁମାଡେରା, ବେଲପାହାଡ଼, ଝାରସୁଗୁଡ଼ାଙ୍କ ପକ୍ଷରୁ ଏହି ଔଷଧ ଦାନ କରାଯାଇଛି । ଆସାମର ବନ୍ୟା ପୀଡ଼ିତ ପରିବାରଗୁଡ଼ିକ ଏହି ଦୁର୍ଦ୍ଦିନରେ ଖାଦ୍ୟ, ଆଶ୍ରୟ ସହିତ ଚିକିତ୍ସା ଓ ଔଷଧର ଆବଶ୍ୟକତା ଅନୁଭବ କରୁଥିବାରୁ ସେମାନଙ୍କ ପାଖରେ ଛିଡ଼ା ହେବା ଉଦ୍ଦେଶ୍ୟରେ ଏହି ସହାୟତା କରାଯାଇଥିବା ଶ୍ରୀ ମହାନ୍ତି କହିଛନ୍ତି । ଏହି ଅବସରରେ ଶ୍ରୀ ବସନ୍ତ ମହାନ୍ତି କହିଛନ୍ତି ଯେ, "ମାନବିକତାର ସେବା ହିଁ ପ୍ରକୃତ ସେବା । ଆସାମର ବନ୍ୟା ପୀଡ଼ିତ ଭାଇଭଉଣୀମାନଙ୍କ ଏହି ଦୁଃଖଦ ସମୟରେ ଆମ ସାମର୍ଥ୍ୟ ଅନୁସାରେ ସହାୟତାର ହାତ ବଢ଼ାଇବା ଆମର ଦାୟିତ୍ୱ । ମାଆ ମେଡିକେୟାର ପକ୍ଷରୁ ଏହି ଛୋଟ ପ୍ରୟାସ ଆବଶ୍ୟକତାରେ ଥିବା ଲୋକଙ୍କ କିଛି ମାତ୍ରାରେ ଉପକାରରେ ଆସିବ ବୋଲି ଆଶା କରୁଛୁ।"

# ଜିଲ୍ଲାର ବନ୍ୟା ପରିସ୍ଥିତି ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ

କେନ୍ଦ୍ରାପଡ଼ା,୬/୮(ନି/ପ୍ର): ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ବିଭାଗ ମନ୍ତ୍ରୀ କେ.ଭି. ସିଂହଦେଓ ଆଜି କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ କରି ବନ୍ୟା ପରିସ୍ଥିତି, ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଏବଂ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଓ ପଦକ୍ଷେପ ସମ୍ପର୍କରେ ସ୍ଥିତି ସମୀକ୍ଷା କରିଛନ୍ତି । ଆଜି ସକାଳେ ଉପମୁଖ୍ୟମନ୍ତ୍ରୀ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦାଣ୍ଡିସାହି ଛକ, କୃଷ୍ଣଦାସପୁର (ସିଂହଗାଁ), ଅଣ୍ଡରା ଗ୍ରାମ ପଂଚାୟତ ଅନ୍ତର୍ଗତ ନଦୀକୂଳ ହରିଜନସାହି ଏବଂ ଅମୃତମଣୋହୀ ଗ୍ରାମପଂଚାୟତ ଅନ୍ତର୍ଗତ ଜଗନ୍ନାଥପୁର ପରିଦର୍ଶନ କରିଛନ୍ତି । ଏହିଅବସରରେ ସେ ବନ୍ୟା ପ୍ରଭାବିତ ଅଂଚଳର ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ଲୋକଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ଅବଗତ ହୋଇଛନ୍ତି । ଏହାପରେ ଆଳି ବ୍ଲକ୍ ଅନ୍ତର୍ଗତ ଭୂଇଁପୁର, ମାନପୁର, ମଙ୍ଗରାଜପୁର, ଠାକୁରପାଟଣା ପେତପଡା ପରିଦର୍ଶନ କରି ଉପମୁଖ୍ୟମନ୍ତ୍ରୀ ବନ୍ୟା ପରିସ୍ଥିତିର ସମୀକ୍ଷା କରିଥିଲେ ଏବଂ ବନ୍ୟା ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରିଥିଲେ । ପରିଦର୍ଶନ ସମୟରେ ଉପମୁଖ୍ୟମନ୍ତ୍ରୀ ଲୋକଙ୍କ ସ୍ଥାନାନ୍ତରଣ, ରିଲିଫ୍ ବଂଟନ, ପାନୀୟ ଜଳ ଯୋଗାଣ, ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ଯୋଗାଯୋଗ ବ୍ୟବସ୍ଥା, କୃଷି କ୍ଷୟକ୍ଷତି ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବା ସମ୍ପର୍କରେ ସ୍ଥିତି ଅନୁଧ୍ୟାନ କରିଥିଲେ । ବନ୍ୟା ପ୍ରଭାବିତ ଲୋକଙ୍କ ନିକଟରେ ତ୍ୱରିତ ଓ ଆବଶ୍ୟକ ସହାୟତା ପହଂଚାଇବା ନିମନ୍ତେ ଜିଲ୍ଲା ପ୍ରଶାସନ ଓ ବିଭିନ୍ନ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ସେ ସମୀକ୍ଷା କରିଥିଲେ । ଅପରାହ୍ନ ୩ଟା ସମୟରେ କେନ୍ଦ୍ରାପଡ଼ା ସର୍କିଟ୍ ହାଉସ୍ ର ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ବନ୍ୟା ପରିସ୍ଥିତି ସମ୍ପର୍କିତ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ । ଏହି ବୈଠକରେ ଜିଲ୍ଲାର ସାମଗ୍ରିକ ବନ୍ୟା ପରିସ୍ଥିତି, ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ, ସ୍ଥାନାନ୍ତରଣ ବ୍ୟବସ୍ଥା, ରିଲିଫ୍ କେନ୍ଦ୍ର ଓ ମାଗଣା ରନ୍ଧାଘରର ପରିଚାଳନା, ଅତ୍ୟାବଶ୍ୟକ ସାମଗ୍ରୀର ଉପଲବ୍ଧତା, ସ୍ୱାସ୍ଥ୍ୟ ଓ ପ୍ରାଣୀ ଚିକିତ୍ସା ସେବା, ରାସ୍ତା ଓ ଯୋଗାଯୋଗ ବ୍ୟବସ୍ଥାର ପୁନରୁଦ୍ଧାର ଏବଂ କ୍ଷୟକ୍ଷତି ଆକଳନର ସ୍ଥିତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଥିଲେ । ବନ୍ୟା ପ୍ରଭାବିତ ପରିବାରଗୁଡ଼ିକୁ ସମୟୋଚିତ ଓ ପ୍ରଭାବଶାଳୀ ସହାୟତା ଯୋଗାଇବା ସହ ସ୍ୱାଭାବିକ ପରିସ୍ଥିତିର ଶୀଘ୍ର ପୁନରୁଦ୍ଧାର ନିମନ୍ତେ ବିଭିନ୍ନ ବିଭାଗର ପ୍ରସ୍ତୁତି, ପରସ୍ପର ସମନ୍ୱୟ ଏବଂ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ବନ୍ୟା ପ୍ରଭାବିତ ଅଂଚଳରେ ଆବଶ୍ୟକ ରିଲିଫ୍, ଉଦ୍ଧାର, ସ୍ୱାସ୍ଥ୍ୟସେବା ଓ ଅତ୍ୟାବଶ୍ୟକ ସେବା ତ୍ୱରିତ ଭାବେ ପହଂଚାଇବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ।

# ନିଶାମୁକ୍ତ ଓଡ଼ିଶା ଅଭିଯାନରେ ବେଲପାହାଡ଼ ପୁଲିସର ସଫଳତା :
## ୮.୦୯୪ କିଲୋଗ୍ରାମ ଗଞ୍ଜେଇ ଜବତ, ମହାରାଷ୍ଟ୍ରର ଆନ୍ତଃରାଜ୍ୟ ନିଶା ବେପାରୀ ଗିରଫ



ଝାରସୁଗୁଡ଼ା,୬/୮(ନି/ପ୍ର): ନିଶାମୁକ୍ତ ଓଡ଼ିଶା ଅଭିଯାନ ଅନ୍ତର୍ଗତ ଝାରସୁଗୁଡ଼ା ପୁଲିସ ଆଉ ଏକ ସଫଳତା ହାସଲ କରିଛି । ବେଲପାହାଡ଼ ଥାନା ପୁଲିସ ୮.୦୯୪ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହ ମହାରାଷ୍ଟ୍ରର ଜଣେ ଆନ୍ତଃରାଜ୍ୟ ନିଶା କାରବାରୀଙ୍କୁ ଗିରଫ କରିଛି । ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୮୦ ହଜାର ଟଙ୍କା ବୋଲି ପୁଲିସ ସୂଚନା ଦେଇଛି । ପୁଲିସ ସୂଚନା ଅନୁଯାୟୀ, ବେଲପାହାଡ଼ ଥାନା ମାମଲା ନଂ– ୧୫୬, ତାରିଖ ୩ ଅଗଷ୍ଟ ୨୦୨୬, ଏନ୍ଡିପିଏସ୍ ଆଇନ, ୧୯୮୫ର ଧାରା ୨୦(ବି)(ସସ)(ବି) ଅନୁଯାୟୀ ମାମଲା ରୁଜୁ କରାଯାଇଛି । ୩ ଅଗଷ୍ଟରେ ଦିନିକିଆ ପାଟ୍ରୋଲିଂ ସମୟରେ ନିର୍ଭରଯୋଗ୍ୟ ସୂଚନା ପାଇ ବେଲପାହାଡ଼ ଥାନାର ଉପ-ନିରୀକ୍ଷକ ମନୋରଞ୍ଜନ ପରିଡ଼ାଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ବେଲପାହାଡ଼ ରେଳ ଷ୍ଟେସନ ନିକଟ ଦୁର୍ଗା ମଣ୍ଡପ ଅଂଚଳରେ ଚଢ଼ଉ କରିଥିଲା । ସେଠାରେ ମହାରାଷ୍ଟ୍ରର ୱାଶିମ ଜିଲ୍ଲା ମଙ୍ଗୁଳପିର ଥାନା ଅନ୍ତର୍ଗତ ବରୁଦ ରୋଡ଼, ଅଶୋକ ନଗରର ବାସିନ୍ଦା କୁନାଲ ବିଜୟ ତୟାଡେ (୨୬)ଙ୍କୁ ବେଆଇନ ଗଞ୍ଜେଇ ରଖି ବିକ୍ରି ଉଦ୍ଦେଶ୍ୟରେ ନେଉଥିବା ଅଭିଯୋଗରେ କାବୁ କରାଯାଇଥିଲା । ତଲାସି ବେଳେ ଅଭିଯୁକ୍ତଙ୍କ ନିକଟରୁ ୮.୦୯୪ କିଲୋଗ୍ରାମ ଗଞ୍ଜେଇ, ଏକ ଭିଭୋ ୱାଇ-୩୬ ମୋବାଇଲ ଫୋନ୍ ଏବଂ ୧୧୦ ଟଙ୍କା ନଗଦ ଜବତ କରାଯାଇଥିଲା । ଗିରଫ ଅଭିଯୁକ୍ତଙ୍କୁ ଅଦାଲତକୁ ଚାଲାଣ କରାଯାଇଥିବା ବେଳେ ଗଞ୍ଜେଇର ଉତ୍ସ ଓ ଏହା ପଛରେ ଥିବା ନିଶା କାରବାର ନେଟୱର୍କ ସମ୍ପର୍କରେ ପୁଲିସ ତଦନ୍ତ ଜାରି ରଖିଛି । ଝାରସୁଗୁଡ଼ା ପୁଲିସ କହିଛି ଯେ, ନିଶାମୁକ୍ତ ଓଡ଼ିଶା ଅଭିଯାନକୁ ସଫଳ କରିବା ପାଇଁ ମାଦକଦ୍ରବ୍ୟ କାରବାର ବିରୋଧରେ ଜିରୋ ଟଲରେନ୍ସ ନୀତି ଜାରି ରହିବ । ମାଦକ କାରବାର ସମ୍ପର୍କିତ କୌଣସି ସୂଚନା ଥିଲେ ନାଗରିକମାନେ ପୁଲିସକୁ ଜଣାଇବାକୁ ଅନୁରୋଧ କରାଯାଇଛି ।

# ଅଜଣା ବୃଦ୍ଧାଙ୍କ ଶେଷକୃତ୍ୟ ସମ୍ପନ୍ନ କରି ଏନଏସି ଅଧ୍ୟକ୍ଷ ଓ ଜିଲ୍ଲା ପରିଷଦ ସଦସ୍ୟ ଦେଖାଇଲେ ମାନବିକତା

ସମ୍ବଲପୁର,୬/୮(ନି/ପ୍ର):ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବସ ଯାତ୍ରୀବିଶ୍ରାମ ଗୃହରୁ ଜଣେ ଅଜଣା ବୃଦ୍ଧାଙ୍କ ମୃତଦେହକୁ ଉଦ୍ଧାର କରିବା ପରେ ରେଢ଼ାଖୋଲ ଥାନ ପୋଲିସ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତ ଦେହର ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇ ଥିଲା । ବ୍ୟବଚ୍ଛେଦ ପରେ ବି କୌଣସି ପରିଚୟ ମିଳିନଥିବା ଯୋଗୁଁ ମୃତଦେହଟି ଅବହେଳିତ ଅବସ୍ଥାରେ ପଡ଼ି ରହିଥିଲା । ହେଲେ ମାନବିକତାର ପରିଚୟ ଦେଇ ରେଢ଼ାଖୋଲ ଏନଏସି ଅଧ୍ୟକ୍ଷ ଶିବରାମ ସାହୁ ଓ ଜିଲ୍ଲା ପରିଷଦ ସଦସ୍ୟ ଶରତ ପ୍ରଧାନ କିଛି ସହକର୍ମୀଙ୍କ ଉପସ୍ଥିତରେ ବୃଦ୍ଧାଙ୍କର ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି । ସୂଚନାନୁସାରେ, ବୃଦ୍ଧା ଜଣଙ୍କ ଅତି ଅସହାୟ ଅବସ୍ଥାରେ ଗତ କିଛି ଦିନ ଧରି ଏହି ଯାତ୍ରୀ ବିଶ୍ରାମ ଗୃହରେ ପଡ଼ି ରହିଥିଲେ । ସୋମବାର ସକାଳେ ବୃଦ୍ଧା ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡିବା ପରେ ରେଢ଼ାଖୋଲ ଥାନାକୁ ଅବଗତ କରାଯାଇଥିଲା । ପୋଲିସ ମୃତ ବୃଦ୍ଧାଙ୍କ ପରିଚୟ ସମ୍ପର୍କରେ ତଦନ୍ତ କରି ଫେଲ୍ ମାରିବା ପରେ ବାଧ୍ୟ ବାଧକତାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇ ଥିଲା । ଏଭଳି ସ୍ଥିତିରେ ରେଢ଼ାଖୋଲ ଏନଏସି ଅଧ୍ୟକ୍ଷ ଓ ଜିଲ୍ଲା ପରିଷଦ ସଦସ୍ୟଙ୍କ ଶେଷକୃତ୍ୟ ସମ୍ପନ୍ନ କରିବା ଘଟଣାକୁ ସ୍ଥାନୀୟ ଅଂଚଳବାସୀ ବେଶ୍ ଉଚ୍ଚ ପ୍ରଶଂସା କରିଛନ୍ତି ।

# ଇ.ଏସ୍.ଆଇ.ସି.ର ସହାୟତାରେ ଶ୍ରମିକ ପରିବାରକୁ ମିଳିଲା ନୂଆ ଆଶା:
## ୪.୨୩ ଲକ୍ଷ ବକେୟା, ମାସିକ ପେନସନ୍ ୧୧,୬୨୫ ଟଙ୍କା

ଝାରସୁଗୁଡ଼ା,୬/୮(ନି/ପ୍ର): କାର୍ଯ୍ୟସ୍ଥଳୀରେ ଆକସ୍ମିକ ମୃତ୍ୟୁବରଣ କରିଥିବା ଜଣେ ବୀମିତ ଶ୍ରମିକଙ୍କ ପରିବାର ପାଇଁ କର୍ମଚାରୀ ରାଜ୍ୟ ବୀମା ନିଗମ (ଇ.ଏସ୍.ଆଇ.ସି.) ଆର୍ଥିକ ସହାୟତାର ବଡ଼ ଭରସା ପାଲଟିଛି । ଇ.ଏସ୍.ଆଇ.ସି. ପକ୍ଷରୁ ଦିବଂଗତ ଶ୍ରମିକଙ୍କ ପରିବାରକୁ ୪ ଲକ୍ଷ ୨୩ ହଜାର ଟଙ୍କା ବକେୟା ପେନସନ୍ ପ୍ରଦାନ କରାଯିବା ସହ ପ୍ରତିମାସ ୧୧ ହଜାର ୬୨୫ ଟଙ୍କା ପେନସନ୍ ମଞ୍ଜୁର କରାଯାଇଛି । ଝାରସୁଗୁଡ଼ାସ୍ଥିତ ମେସର୍ସ ଜେ.ବି. କଂଟ୍ରାକ୍ଟର ବୀମିତ ଶ୍ରମିକ ସ୍ୱର୍ଗତ ନରେଶ ପିଙ୍ଗଙ୍କର ୨୯ ମେ ୨୦୨୩ରେ କାର୍ଯ୍ୟରତ ଅବସ୍ଥାରେ ହୃଦଘାତରେ ମୃତ୍ୟୁ ଘଟିଥିଲା । କମ୍ପାନୀ ପକ୍ଷରୁ ଦାଖଲ କରାଯାଇଥିବା ଦୁର୍ଘଟଣା ରିପୋର୍ଟ ଆଧାରରେ ଏହାକୁ ରୋଜଗାରଜନିତ କ୍ଷତି ଭାବେ ସ୍ୱୀକୃତି ଦିଆଯାଇଥିଲା । ମଙ୍ଗଳବାର ଝାରସୁଗୁଡ଼ା ଉପ-ଆଂଚଳିକ ଇ.ଏସ୍.ଆଇ.ସି. କାର୍ଯ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଦିବଂଗତ ଶ୍ରମିକଙ୍କ ପତ୍ନୀ ଜନାନୀ ପିଙ୍ଗ, ଝିଅ ଲକ୍ଷ୍ମୀ ପିଙ୍ଗ ଓ ପୁଅ ପ୍ରବୀଣ ପିଙ୍ଗଙ୍କୁ ପେନସନ୍ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା । ଇ.ଏସ୍.ଆଇ.ସି.ର ଯୁଗ୍ମ ନିର୍ଦ୍ଦେଶକ ରାଜୀବ ରଞ୍ଜନ, ଉପ-ନିର୍ଦ୍ଦେଶକ ଦୁତୀବାହନ ଦାସ ଓ ଶାଖା ପ୍ରବନ୍ଧକ ସୁରେନ୍ଦ୍ର ଝା ଉପସ୍ଥିତ ରହି ପେନସନ୍ ପତ୍ର ହସ୍ତାନ୍ତର କରିଥିଲେ । ଇ.ଏସ୍.ଆଇ.ସି. ସୂଚନା ଅନୁଯାୟୀ, ଦିବଂଗତ ଶ୍ରମିକଙ୍କ ପତ୍ନୀଙ୍କୁ ଆଜୀବନ ପେନସନ୍ ମିଳିବା ସହ ଉଭୟ ସନ୍ତାନଙ୍କୁ ୨୫ ବର୍ଷ ବୟସ ପର୍ଯ୍ୟନ୍ତ ପେନସନ୍ ସୁବିଧା ମିଳିବ । ମୃତ୍ୟୁ ତାରିଖଠାରୁ ବର୍ତ୍ତମାନ ପର୍ଯ୍ୟନ୍ତର ୪ ଲକ୍ଷ ୨୩ ହଜାର ଟଙ୍କା ବକେୟା ପେନସନ୍ ସେମାନଙ୍କ ବ୍ୟାଙ୍କ ଖାତାରେ ଜମା କରାଯାଇଛି । ଏହି ଆର୍ଥିକ ସହାୟତା ପାଇବା ପରେ ଦିବଂଗତ ଶ୍ରମିକଙ୍କ ପତ୍ନୀ ଇ.ଏସ୍.ଆଇ.ସି. କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ ଏହି ପେନସନ୍ ପିଲାମାନଙ୍କ ଲାଳନପାଳନ ଓ ଉଚ୍ଚଶିକ୍ଷାରେ ସହାୟକ ହେବ ବୋଲି କହିଛନ୍ତି ।



ରେଢ଼ାଖୋଲ ଉପଖଣ୍ଡ ଉପାନ୍ତ ଅଂଚଳ ପାଣିମରା ପଚାଂୟତର ସାହାଜବାହଲ ଓ ଡ଼ାଙ୍ଗଟେକା ଗ୍ରାମବାସୀ ସେମାନଙ୍କ ଗାଁରେ ମୋବାଇଲ ଟାୱାର ସ୍ଥାପନ ପାଇଁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି

